


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.

Vol.11 . No.88 Bhubaneswar, Wednesday, December 04, 2024 | ବର୍ଷ- ୧୧ ସଂଖ୍ୟା-୮୮ ଭୁବନେଶ୍ୱର ବୁଧବାର, ଡିସେମ୍ବର ୦୪.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-




# ଓଡ଼ିଶାରେ ମହାମହିମ



ଭୁବନେଶ୍ୱର,୩/୧୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଐତିହାସିକ ଓଡ଼ିଶା ଗସ୍ତ ଆଜି ଠାରୁ ଆରମ୍ଭ ହୋଇଯାଇଛି। ମହାମହିମ ଶ୍ରୀମତୀ ମୁର୍ମୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଅପରାହ୍ଣ ସାଢ଼େ ୪ଟାରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିଲା ପରେ ଦେଶର ପ୍ରଥମ ନାଗରିକ ଦ୍ରୌପଦୀ ମୁର୍ମୁଙ୍କ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିମ ମନୋଜ ଆହୁଜା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ତାଙ୍କର ଏହି ୫ଦିନିଆ ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିରେ ପୁରୀରେ ଆୟୋଜିତ ହେଉଥିବା ନୌସନା ଦିବସ ଅନ୍ୟତମ। ଏହି ଐତିହାସିକ ଦିବସକୁ ସ୍ମରଣୀୟ ରଖିବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରରେ ୪୦ ପ୍ଲାଟୁନ୍ ପୁଲିସ ମୁତୟନ ହୋଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୁଧବାର ସକାଳ ୯ଟାରେ ରାଜଭବନରୁ ବାହାରିବେ। ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଏକ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ପୂର୍ବାହ୍ନ ୯ଟା ୪୫ମିନଟରେ ପୁରୀସ୍ଥିତ ତାଳବଣୀଆ ହେଲିପ୍ୟାଡରେ ଅବତରଣ କରିବେ। ସେଠାରେ ପୂର୍ବାହ୍ନ ୧୦ଟା ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି। ଏହାପରେ ୧୦.୫୦ରେ ପୁରୀସ୍ଥିତ ଶ୍ରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ପୁରୀ ରାଜଭବନ ଠାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟା ୩୦ମିନିଟ ସମୟରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବୁଧବରୀ ରାତି ପୁରୀ ରାଜଭବନ ଠାରେ ରାଷ୍ଟ୍ରପତିଙ୍କ ରାତ୍ରୀଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ତୃତୀୟ ଦିନରେ ରାଷ୍ଟ୍ରପତି ଗୁରୁବାର ସକାଳ ୯ଟା ୩୫ମିନିଟ ସମୟରେ ପୁରୀରୁ ବାହାରି ପୁର୍ବାହ୍ନ ୧୦ଟା ୩୦ମିନିଟ ସମୟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦର ପହଞ୍ଚିବେ। ୧୦ଟା ୫୦ମିନିଟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମଧ୍ୟାହ୍ନ ୧୨ଟାରେ ସେଠାରୁ ବାହାରି ରାଜଭବନରେ ମଧ୍ୟାହ୍ନ ଭୋଜନ କରିବାପରେ ସନ୍ଧ୍ୟା ୫ଟା ୧୦ମିନିଟରେ ଭୁବନେଶ୍ୱର 'ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ'ର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସନ୍ଧ୍ୟା ୬ଟା ୩୦ମିନିଟରେ ସେଠାରୁ ବାହାରି ରାଜଭବନ ଠାରେ ରାତ୍ରୀଯାପନ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଡିସେମ୍ବର ୬ ତାରିଖ (ଶୁକ୍ରବାର) ସକାଳ ୯ଟାରେ ରାଜଭବନରୁ ବାହାରି ଡକ୍ଟର ବି.ଆରଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ଅବସରରେ ଭୁବନେଶ୍ୱର ଏ.ଜି.ଛକ ଠାରେ ବାବା ସାହେବଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରିବେ। ଏହାପରେ ପୂର୍ବାହ୍ନ ୯.୧୫ମିନିଟ ସମୟରେ ବିଜୁପଟ୍ଟନାୟକ ବିମାନବନ୍ଦରରୁ ବାୟୁସେନାର ବିମାନ ଯୋଗେ ପଶ୍ଚିମବଙ୍ଗସ୍ଥିତ କଲେଇକୁଣ୍ଡା ଏୟାରବେସରେ ୧୦.୧୫ମିନିଟ ସମୟରେ ଅବତରଣ କରିବେ। ଏହା ପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡସ୍ଥିତ ରଙ୍ଗାମାଟିଆ ଅସ୍ଥାୟୀ ହେଲିପ୍ୟାଡରେ ପୁର୍ବାହ୍ନ ୧୧ଟା ୦୫ମିନିଟରେ ଅବତରଣ କରିବେ। ସେଠାରୁ ସଡକପଥରେ ନିଜ ଜନ୍ମଗାଁ ଉପରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ। ମଧ୍ୟାହ୍ନ ୧୨.୦୫ରେ ସେଠାରୁ ବାହାରି ଉପରବେଡାସ୍ଥିତ ପୈତୃକ ଘରେ ପହଞ୍ଚି ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ସହ ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ୧୨.୩୦ମିନିଟରେ ଉପରବେଡାରୁ ବାହାରି ସଡକପଥରେ ରାଇରଙ୍ଗପୁରସ୍ଥିତ ଗେଷ୍ଟ ହାଉସ ଠାରେ ପହଞ୍ଚି ମଧ୍ୟାହ୍ନ ଭୋଜନ କରିବେ। ଅପରାହ୍ନ ୩ଟା ସମୟରେ ସେଠାରୁ ବାହାରି ରାଇରଙ୍ଗପୁରସ୍ଥିତ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ପହଞ୍ଚି ନିଜ ସ୍ୱାମୀ ଓ ୨ପୁତ୍ରଙ୍କ ସ୍ମୃତିରେ ସ୍ଥାପନ କରିଥିବା ଏସ.ଏଲ୍.ଏସ୍. ଟ୍ରଷ୍ଟ ପକ୍ଷରୁ ଏକ ଆମ୍ବୁଲାନ୍ସ ଡାକ୍ତରଖାନାକୁ ହସ୍ତାନ୍ତର କରିବା ସହ ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହାପରେ ଅପରାହ୍ନ ୪ଟା ସମୟରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଠାରେ ପହଞ୍ଚି ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସହ ଭାବବିନିମୟ କରିବେ। ସେଠାରୁ ବାହାରି ଅପରାହ୍ନ ୪ଟା ୫୦ମିନିଟ ସମୟରେ ରାଇରଙ୍ଗପୁରସ୍ଥିତ ପୁଣ୍ୟେଶ୍ୱର ଶିବମନ୍ଦିର ଠାରେ ନୂତନ ଭାବେ ସ୍ଥାପିତ ଗଣେଶ ମୂର୍ତ୍ତିକୁ ଉନ୍ମୋଚନ କରିବେ ଏବଂ ଆଳତୀ କରିବେ ପରେ ନିଜ ବାସଭବନକୁ ଆସି ରାତ୍ରୀଯାପନ କରିବେ। ଗସ୍ତର ଅନ୍ତିମ ଦିନ ଡିସେମ୍ବର ୭ ତାରିଖ (ଶନିବାର) ପୂର୍ବାହ୍ନ ୧୦ଟାରେ ରାଇରଙ୍ଗପୁରସ୍ଥିତ ନିଜ ବାସଭବନରୁ ବାହାରି ଦଣ୍ଡବୋଷ ହେଲିପ୍ୟାଡରୁ ହେଲିକ୍ୟାପ୍ଟର ଯୋଗେ ଆସି ୧୦ଟା ୪୫ମିନିଟ ସମୟରେ ବାଙ୍ଗରିପୋଷିସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ହେଲିପ୍ୟାଡରୁ ପୁର୍ବାହ୍ନ ୧୧ଟା ସମୟରେ ବାହାରି ବାଙ୍ଗରିପୋଷୀ ରେଳଷ୍ଟେସନସ୍ଥିତ ସଭାସ୍ଥଳରେ ପହଞ୍ଚିବେ। ବାଙ୍ଗରିପୋଷୀ ସଭାସ୍ଥଳରେ ବାଙ୍ଗରିପୋଷୀ-ଗୋରୁମହିଷାଣି, ବୁଢାମରା- ଚାକୁଳିଆ, ବାଦାମପାହାଡ-କେନ୍ଦୁଝର ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଭର୍ଚୁଆଲ ମୋଡରେ ରାଇରଙ୍ଗପୁର ଠାରେ ଆଦିବାସୀ ରିସର୍ଚ୍ଚ ସେଣ୍ଟର, ରାଇରଙ୍ଗପୁର ଦାଣ୍ଡବୋଷ ବିମାନବନ୍ଦର ଉନ୍ନତୀକରଣ ଓ ରାଇରଙ୍ଗପୁର ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଏକ ନୂତନକୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିବେ। ମଧ୍ୟାହ୍ନ ୧୨ଟା ୧୫ମିନିଟରେ ବାଙ୍ଗରିପୋଷି ସଭାସ୍ଥଳରୁ ବାହାରି ବାୟୁସେନାର ହେଲିକ୍ୟାପ୍ଟର ଯୋଗେ ପଶ୍ଚିମବଙ୍ଗସ୍ଥିତ କଲେଇକୁଣ୍ଡା ଏୟାରବେସରେ ପହଞ୍ଚି ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀକୁ ଯାତ୍ରା କରିବେ।

## ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଗୃହରେ ଦାବି



ଭୁବନେଶ୍ୱର,୩/୧୨: ବିଧାୟକଙ୍କ ଦରମା ଏବଂ ପୂର୍ବତନ ବିଧାୟକଙ୍କ ପେନସନ ବୃଦ୍ଧି ପାଇଁ ବିଧାନସଭାରେ ଦାବି। ଗୃହରେ ଦାବି ଉଠାଇଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ବଜାର ଦରଦାମ ଏବଂ ସ୍ୱାସ୍ଥ୍ୟଗତ ଖର୍ଚ୍ଚର ଉଦାହରଣ ଦେଇ ଦରମା ଓ ପେନସନ ବୃଦ୍ଧି ପାଇଁ ଦାବିକଲେ ପ୍ରମିଳା। ବିଜେଡି ବିଧାୟିକାଙ୍କ ଦାବିକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଶାସକ ବିଜେପିର ବିଧାୟକ ଭାସ୍କର ମଢେଇ ମଧ ସମର୍ଥନ କରିଛନ୍ତି। ଗୃହରେ ଦାବି ରଖି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦର୍ଶାଇଛନ୍ତି ଯେ ବିଧାୟକ ମାନଙ୍କ ଦରମା କ୍ଷେତ୍ରରେ ଓଡ଼ିଶା ଦେଶରେ ୨୭ ନମ୍ବର ସ୍ଥାନରେ ଅଛି। ତେଣୁ ନୂଆ କମିଟି ଯଦି ଆବଶ୍ୟକ, ବାଚସ୍ପତି ନୂଆ କମିଟି କରି ଦରମା ଓ ପେନସନ ବୃଦ୍ଧି କରନ୍ତୁ। ବିଧାୟକ ମାନଙ୍କ ଦରମା ୨ ଲକ୍ଷ ୫୦ ହଜାର ଏବଂ ପୂର୍ବତନ ବିଧାୟକ ମାନଙ୍କ ପେନସନ୍ ୭୦ ହାଜରକୁ ବୃଦ୍ଧି କରାଯାଉ ବୋଲି ପୂର୍ବରୁ କମିଟି ସୁପାରିଶ କରିଛି। ସେହିଭଳି ବିଧାୟକ ଉନ୍ନୟନ ପାଣ୍ଠିକୁ ୫ କୋଟି କରିବାକୁ ଦାବି କରିଛନ୍ତି ପ୍ରମିଳା। ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମ ମଧ ଗୃହରେ ସମାନ ପ୍ରସଙ୍ଗ ଉଠାଇଛନ୍ତି। ସେପଟେ ବିଜେପି ବିଧାୟକ ଭାସ୍କର ମଢେଇ ଏହି ଦାବି ଗୁଡ଼ିକୁ ସମର୍ଥନ କରିଛନ୍ତି। ନୂଆ କମିଟି ନକରି ପୁରୁଣା କମିଟିର ସୁପାରିଶ ଅନୁସାରେ କରନ୍ତୁ ବୋଲି କହିଛନ୍ତି ଭାସ୍କର। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏମଏଲଏ ଲାଡ୍ ୫କୋଟିକୁ ବୃଦ୍ଧି କରିବାକୁ ଦାବି ଜଣାଇବା ସହ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୨୦ ଲକ୍ଷ କରିବାକୁ ଦାବି କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି। ସେପଟେ ମୁଁ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଜଣାଇବି ବୋଲି କହିଛନ୍ତି ବାଚସ୍ପତି ସୁରମା ପାଢ଼ୀ।

## ରାଜ୍ୟସଭା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି; ୨୦ରେ ଭୋଟ୍



ଭୁବନେଶ୍ୱର,୦୩/୧୨:ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇଛି ବିଜ୍ଞପ୍ତି। ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ହେବ ଉପନିର୍ବାଚନ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଏଥିପାଇଁ ଡିସେମ୍ବର ୨୦ ତାରିଖରେ ରାଜ୍ୟସଭା ପାଇଁ ଉପନିର୍ବାଚନ ହେବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ୧୧ ତାରିଖ ନାମାଙ୍କନ ଯାଞ୍ଚ ହେବ ଓ ୧୩ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। ତେବେ କିଏ ରାଜ୍ୟସଭାକୁ ଯିବେ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ରାଜ୍ୟସଭାକୁ ପଠାଇବ ନା ଆଉ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।

# 'ଆଳୁ' ତାତି: ବିରୋଧୀଙ୍କ ଗର୍ଜନ; ସରକାର ଘାଇଲା

ଭୁବନେଶ୍ୱର,୦୩/୧୨: ବଡ଼ବଡ଼ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ କେବଳ ଖାଉଟିଙ୍କୁ କନ୍ଦାଇଛି। ଚାରି ମାସ ହେଲା ଆଳୁ କଷ୍ଟରେ ଲୋକ ହନ୍ତସନ୍ତ ହେଲେଣି। ମାତ୍ର ସରକାର ବେଫିକର ଓ ଯୋଗାଣମନ୍ତ୍ରୀ ବେପରୁଆ ମନ୍ତବ୍ୟ ଦେଉଛନ୍ତି। ଡବଲ ଇଞ୍ଜିନ୍ ସରକାର ଆଳୁ ଟ୍ରକ ଟାଣି ପାରୁନାହିଁ, ମାତ୍ର ଅମୁକ ରାଜ୍ୟରୁ ଆଜି ଆଳୁ ଆସିବ, କାଲି ପହଞ୍ଚିବ, ଗାଡ଼ିରେ ଲୋଡ୍ ହେଉଛି, ଦର ବଢ଼ି ନାହିଁ ବୋଲି ମନ୍ତ୍ରୀ ଟିପ୍ପଣୀ ଦେଇ ଲୋକଙ୍କ କଟା ଘା'ରେ ଚୂନ ଲେପିଛନ୍ତି। ଡବଲ ଇଞ୍ଜିନ୍‌ରେ ବି ଅନ୍ୟ ରାଜ୍ୟରୁ ଆଳୁ ଆସି ଓଡିଶା ବଜାରରେ ପହଞ୍ଚିପାରୁ ନାହିଁ। ଲୋକମାନେ ତାତିଲେଣି, ଆଳୁ ମନ୍ତ୍ରୀଙ୍କ ଚୋପା ଛଡ଼ାଇବାକୁ ଧମକ ଦେଲେଣି। ତେଣୁ ଶସ୍ତା ମନ୍ତବ୍ୟ ପରିବର୍ତ୍ତେ ଆଳୁକୁ ଶସ୍ତା କରିବାକୁ ସରକାର ପଦକ୍ଷେପ ନିଅନ୍ତୁ । କେଉଁ ରାଜ୍ୟ ସହ ଆଳୁ ଆଣିବାକୁ ଆଲୋଚନା ହୋଇଛି, ସ୍ପଷ୍ଟ କରନ୍ତୁ ବୋଲି ବିଧାନସଭାରେ ଗର୍ଜିଛନ୍ତି ବିରୋଧୀ। ଆଜି ଗୃହରେ ଶୂନ୍ୟ କାଳରେ ଆଳୁ ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ ବିଜେଡି ଓ କଂଗ୍ରେସ୍ ସଦସ୍ୟ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଆଳୁ ହେଉଛି ଓଡିଆ ଘରର ଅତ୍ୟାବଶ୍ୟକ ପରିବା; କିନ୍ତୁ ନୂଆ ସରକାର ଆସିବା ପରଠାରୁ ଲୋକେ ଯେତିକି ଆଳୁ ଯନ୍ତ୍ରଣା ପାଇଲେଣି, ତାହା ପୂର୍ବରୁ କେବେ ଦେଖା ଯାଇ ନଥିଲା। ଉତ୍ତର ପ୍ରଦେଶରୁ କିଛି ଆଳୁ ଆସିଥିଲା, ମାତ୍ର ସେ ବସ୍ତାରେ ୮ କେଜି ପଚା। ସରକାର କିଛି ନଜାଣିବା ପରି ବସିଛନ୍ତି। ଆଳୁ ଅଭାବ ଦୂର ପାଇଁ କ'ଣ ପଦକ୍ଷେପ ନିଆଯାଉଛି, ସରକାର କ'ଣ ଚିନ୍ତା କରୁଛନ୍ତି, କେଉଁ ରାଜ୍ୟର ସରକାର ସହିତ ଆଲୋଚନା କଲେ ତାହା କାହାକୁ ଜଣାନାହିଁ। ତେଣୁ ସରକାର ରାଜ୍ୟବାସୀଙ୍କୁ ଏହାର ଜବାବ ଦିଅନ୍ତୁ ବୋଲି ପ୍ରମିଳା ଦାବି କରିଥିଲେ। କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଥିଲେ ଯେ ଯୋଗାଣ ମନ୍ତ୍ରୀ ଖାଲି ଗଣମାଧ୍ୟମ ଆଗରେ କଥା କହି ଜାଣନ୍ତି। ଲୋକଙ୍କ ପାଖରେ ଆଳୁ କିପରି



ପହଞ୍ଚିବ ତାହା କରିବା ତାଙ୍କ ପକ୍ଷରେ ସମ୍ଭବ ହେଉ ନାହିଁ। ୪/୫ ମାସ ହେଲା ଓଡିଶାବାସୀଙ୍କୁ ଆଳୁ ଦର କନ୍ଦାଉଛି, ମନ୍ତ୍ରୀ ଅବାନ୍ତର କଥା କହୁଛନ୍ତି। ଏହା ହେଉଛି ଡବଲ ଇଞ୍ଜିନ୍ ସରକାରର ପାରିବା ପଣିଆ। ଦୁଇ ଦିନ ଭିତରେ ଆଳୁ ଦର ସ୍ୱାଭାବିକ କରନ୍ତୁ ବୋଲି ଶ୍ରୀ କାଡାମ୍ ଦାବି କରିଥିଲେ। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ଓଡିଶାର ଖାଉଟି ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମନ୍ତ୍ରୀଙ୍କ ବୟାନରୁ ବୁଝାପଡୁ ନାହିଁ, ଟ୍ରକ୍ ଆଉ ଟ୍ରେନ୍‌ରେ ଆଳୁ ଆସୁଛି ନା ହାତୀ ଆସୁଛି। ରାଜ୍ୟର ବ୍ୟବସାୟୀମାନେ ବାହାର ରାଜ୍ୟରୁ ୩୦୦ ଟ୍ରକ୍ ଆଳୁ ମଗାଇଛନ୍ତି। ସରକାରଙ୍କର ଏଥିରେ କିଛି କର୍ତୃତ୍ୱ ନାହିଁ; କିନ୍ତୁ ଯୋଗାଣ ମନ୍ତ୍ରୀ ନିଜେ ନିଜ ପିଠି ଥାପୁଡେଇ ଚାଲିଛନ୍ତି। ସରକାରଙ୍କ ଆଚରଣ ଗରିବ ଖାଉଟିଙ୍କ ପ୍ରତି ଉପହାସ ମାତ୍ର। ଯୋଗାଣ ମନ୍ତ୍ରୀ ଦାୟିତ୍ୱ ସମ୍ପନ୍ନ ମନ୍ତବ୍ୟ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେ କହିଥିଲେ। ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ, ଆଜି ତେଲ ଲୁଣ ସଂସାରରେ ନିଆଁ ଲାଗିଯାଇଛି। ସରକାର ବାସ୍ତବରେ ଚିନ୍ତିତ ଥିଲେ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରି ଆଳୁ ସମସ୍ୟାର ସମାଧାନ କରିସାରନ୍ତେଣି ବୋଲି ଶ୍ରୀ ସାହୁ କହିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ, ଲୋକଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଲାଣି। ଲୋକେ କହୁଛନ୍ତି ଆଳୁ ମନ୍ତ୍ରୀ ଦେଖାହେଲେ ତାଙ୍କ ଚୋପା ଛଡ଼ାଇ ଦେବୁ। ନିଜ ଅଞ୍ଚଳକୁ ଗଲେ ଲୋକେ ପଚାରିଲେ ଉତ୍ତର ଦେଇପାରିବେ ତ କିଛି ଦିନ ପୂର୍ବେ ପଶ୍ଚିମ ବଙ୍ଗ ସରକାରଙ୍କ ଆଲୋଚନା ହୋଇଛି ଏବଂ ଆଳୁ ଯୋଗାଣ ସ୍ୱାଭାବିକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ପ୍ରକୃତରେ କଥା ହୋଇଥିଲେ କି ନାହିଁ ସନ୍ଦେହ ହେଉଛି ବୋଲି ଶ୍ରୀ ଦାସ କହିଥିଲେ।

# ନବଦାସ ହତ୍ୟା, ତଥ୍ୟ ଲୁଚାଇଲା ଗୃହବିଭାଗ

ଭୁବନେଶ୍ୱର, ୩/୧୨: ରାଜ୍ୟର ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ସର୍ବସମ୍ମୁଖରେ ହତ୍ୟା କରାଗଲା । ଘଟଣାକୁ ଦୁଇବର୍ଷ ପୁରିବାକୁ ବସିଲାଣି, କିନ୍ତୁ ଏପର୍ଯ୍ୟନ୍ତ ହତ୍ୟା ପଛରେ କେଉଁମାନେ ସମ୍ପୃକ୍ତ ଓ ହତ୍ୟାର ପ୍ରକୃତ କାରଣ କ'ଣ ତାହା ଜଣାପଡ଼ିଲା ନାହିଁ । ବିଜେଡିର ତତକାଳୀନ ବଡ଼ପଣ୍ଡାମାନଙ୍କ ସମ୍ପୃକ୍ତି ଓ ଷଡ଼ଯନ୍ତ୍ରର ଅଭିଯୋଗ ଉଭୟ ପରିବାର ସଦସ୍ୟ ଓ ବିରୋଧୀ ଦଳ ଆଣିଥିଲେ ମଧ ଏପର୍ଯ୍ୟନ୍ତ ପ୍ରକୃତ ତଥ୍ୟକୁ ପଦାକୁ ଆଣିବାରେ ତଦନ୍ତକାରୀ ସଂସ୍ଥା ରାଜ୍ୟ କ୍ରାଇମବ୍ରାଂଚ ସକ୍ଷମ ହୋଇନି । ସବୁଠୁ ଆଶ୍ଚର୍ଯ୍ୟର କଥା, ରାଜ୍ୟରେ ବିଜେପି ସରକାରକୁ ଆସିବାର ସାଢ଼େ ୫ମାସ ବିତିଲାଣି ତଥାପି ନବ ଦାସ ହତ୍ୟା ମାମଲାର ତଦନ୍ତର ଅଗ୍ରଗତି କେଉଁ ସ୍ଥିତିରେ ରହିଛି ତା'ର ଖବର ବି ସରକାରଙ୍କ ପାଖରେ ନାହିଁ । ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାଧ୍ୟମରେ ଲିଖିତ ଉତ୍ତରରେ ବିଧାନସଭାରେ ତଥ୍ୟ ରଖି ପ୍ରଶାସନିକ କଳ ତାଙ୍କୁ ବଦନାମ ପାଇଁ ଷଡ଼ଯନ୍ତ୍ର କରୁନି ତ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଆଜି ବିଧାନସଭାରେ ଝାରସୁଗୁଡ଼ାର ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଏକ ଲିଖିତ ଅଣତାରକା ପ୍ରଶ୍ନ ମାଧ୍ୟମରେ ନିଜ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନବଦାସଙ୍କ ହତ୍ୟା ମାମଲାର ତଦନ୍ତର ସ୍ଥିତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠୁ ଜାଣିବାକୁ ଚାହିଁଥିଲେ । ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଥିଲେ ଯେ, "ତଦନ୍ତ ଏବେ କେଉଁସ୍ତରରେ ରହିଛି ଓ ବର୍ତ୍ତମାନସୁଦ୍ଧା ରାଜ୍ୟ ସରକାର ଏହି ଘଟଣାରେ କାହା ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତଦନ୍ତ ସମୟରେ ମୃତ ପରିବାରର କେଉଁ କେଉଁ ସଦସ୍ୟଙ୍କ ବୟାନ ରେକର୍ଡ ହୋଇଛି, ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଆମେରିକାର ତଦନ୍ତକାରୀ ସଂସ୍ଥା ଏଫବିଆଇକୁ କେଉଁ ଉପାୟରେ ତଦନ୍ତ ପାଇଁ ଅନୁରୋଧ କରିଥିଲେ ଓ ତଦନ୍ତ କେଉଁସ୍ତରରେ ରହିଛି ବୋଲି ପ୍ରଶ୍ନ କରିଥିଲେ ।" ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ନବ ଦାସଙ୍କ ହଜାର ହଜାର ସମର୍ଥକ ଅଛନ୍ତି, ଯେଉଁମାନଙ୍କ ଭାବାବେଗକୁ ସମ୍ମାନ ଜଣାଇ ବିଧାୟକ ଶ୍ରୀ ତ୍ରିପାଠୀ ଏଭଳି ପ୍ରଶ୍ନ କରିଥାଇପାରନ୍ତି । ମାତ୍ର ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ତଥ୍ୟ ସଂଗ୍ରହ କରାଯାଉଅଛି' ବୋଲି ଉତ୍ତରରେ ଦର୍ଶାଇଛନ୍ତି । ତେବେ ପ୍ରଶ୍ନ ଉଠୁଛି, ରାଜ୍ୟର ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଦାସଙ୍କୁ ହତ୍ୟା କରାଯିବାର ୨ବର୍ଷ ପୁରିବାକୁ ଯାଉଥିବାବେଳେ ଏଭଳି ଏକ ସଙ୍ଗୀନ ମାମଲାରେ ରାଜ୍ୟର ବିଜେପି ସରକାର ନିଜର ଜଣେ ବିଧାୟକଙ୍କୁ ତଥ୍ୟ ଦେବାକୁ





କାହିଁକି ଟାଳଟୂଳ ନୀତି ଆପଣାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ବିଧାନସଭାରେ ଏହି ତଥ୍ୟକୁ ଲୁଚାଯାଇଛି ନା ଗୃହ ବିଭାଗର ଉତ୍ତର ପ୍ରସ୍ତୁତ କରୁଥିବା ପ୍ରଶାସନିକ କଳ ଏଭଳି ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର ରଚିଛନ୍ତି କି ? ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ନବ ଦାସ ହତ୍ୟା ମାମଲାର ତଦନ୍ତ କରି ଷଡ଼ଯନ୍ତ୍ରକାରୀଙ୍କ ପର୍ଦ୍ଦାଫାସ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଥିଲା । ଏପରିକି ବିଜେପି ଏନେଇ ନିର୍ବାଚନୀ ପ୍ରତିଶ୍ରୁତି ମଧ ଦେଇଥିଲା । ଗତ ଅଗଷ୍ଟ ମାସରେ ରାଜ୍ୟର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ ନବ ଦାସ ହତ୍ୟା ମାମଲାକୁ ପୁଣିଥରେ ଖୋଲାଯିବ ବୋଲି କହିଥିଲେ । ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ମଧ ସିବିଆଇ ତଦନ୍ତ ଦାବି କରିଥିଲେ । ଏତେ ସବୁ ସତ୍ତ୍ୱେ ରାଜ୍ୟ ସରକାରଙ୍କ ପାଖରେ ନବ ଦାସ ହତ୍ୟା ମାମଲାର ତଦନ୍ତର ସ୍ଥିତାବସ୍ଥା ରିପୋର୍ଟ କିଭଳି ଉପଲବ୍ଧ ନାହିଁ ତାହା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି । ତା'ଛଡ଼ା ବିଧାନସଭାରେ କୌଣସି ଲିଖିତ ଅଣତାରକା ପ୍ରଶ୍ନ ବିଧାୟକ ପଚାରିବା ଓ ତା'ର ଉତ୍ତର ସରକାର ପ୍ରସ୍ତୁତ କରିଦେବା ପାଇଁ ଅତିକମରେ ୧୫ଦିନର ଅବଧି ରହିଛି । କ୍ରାଇମବ୍ରାଂଚଠୁ ତଦନ୍ତର ସ୍ଥିତାବସ୍ଥା ରିପୋର୍ଟ ଆଣିବାକୁ ଗୃହ ବିଭାଗକୁ କ'ଣ ୧୫ଦିନ ଯଥେଷ୍ଟ ହେଲାନି କି ? ଯଦିଓ କ୍ରାଇମବ୍ରାଂଚ ଏହି ମାମଲାରେ ୫୪୦ପୃଷ୍ଠାର ଚାର୍ଜସିଟ୍ ଦେଢ଼ବର୍ଷ ହେଲା ଦାଖଲ କରିସାରିଲାଣି । ସରକାର ଚାହିଁଥିଲେ ଆଜି ଗୃହରେ ଆଉ ଏହି ତଥ୍ୟକୁ ରଖିପାରିଥାନ୍ତେ । ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ହତ୍ୟା ଭଳି ଏକ ସଙ୍ଗୀନ ମାମଲା ଯେଉଁଥିରେ ବିଜେଡି ସର୍ବୋଚ୍ଚ ନେତାମାନଙ୍କ ଷଡ଼ଯନ୍ତ୍ର ଓ ସମ୍ପୃକ୍ତିର ଅଭିଯୋଗ ରହିଛି ସେଭଳି ଏକ ମାମଲାକୁ ରାଜ୍ୟର ବିଜେପି ସରକାର କିଭଳି ଏତେ ହେୟଜ୍ଞାନ କଲା ଭଳି ଉତ୍ତର ବିଧାନସଭାରେ ରଖୁଛନ୍ତି ? ଏହା ଖୋଲାଖୋଲି ଭାବେ 'ଟିମ ମୋହନ' ଭାବେ ପରିଚିତ ପ୍ରଶାସନିକ କଳର ଭୂମିକାକୁ ସନ୍ଦେହଘେର ଭିତରକୁ ଟାଣିନେଇଛି । ବିଜେଡିର ବଡ଼ପଣ୍ଡାମାନଙ୍କୁ ସୁରକ୍ଷା ଦେବାକୁ ନା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବଦନାମ କରିବା ନିମନ୍ତେ ଏଭଳି ଅପପ୍ରୟାସ କରାଯାଉନି ତ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟ, ୨୦୨୩ ଜାନୁୟାରୀ ୨୯ତାରିଖରେ ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ବ୍ରଜରାଜନଗରଠାରେ ଜଣେ ପୁଲିସ ଏଏସଆଇ ଗୋପାଳ ଦାସ ନିଜ ସର୍ଭିସ ରିଭଲଭରରୁ ଗୁଳି ମାରି ହତ୍ୟା କରଇଥିଲେ ।

# ଜିଲ୍ଲାର ପାଞ୍ଚ ହଜାର ଶିଶୁଙ୍କ ପାଇଁ ୨୩୯ କ୍ରେଚ କେନ୍ଦ୍ର ଉଦଘାଟିତ

## ଭରଶାଣୀ ନୂଆଗାଁ କେନ୍ଦ୍ରକୁ ପୋଷ୍ୟ କେନ୍ଦ୍ର ରୂପେ ଗ୍ରହଣ କଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ

ବାରିପଦା,୦୩/୧୨ (ନି.ପ୍ର): ଓଡିଶା ସରକାରଙ୍କ ଓମ୍ବାଡିସି କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ସାରସକଣା, ବିଶୋଇ, ବିଜାତଳା, ବହଳଦା, ତିରିଂ, ରାଇରଙ୍ଗପୁର, ଜାମଦା, କୁସୁମୀ ଆଦି ଆଠ ଗୋଟି ବ୍ଲକରେ ୨୩୯ ଗୋଟି ପୃଷ୍ଟି ବାଧିତ ଚିହ୍ନଟ ଗ୍ରାମରେ ୫ହଜାରରୁ ଉର୍ଦ୍ଧ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ କ୍ରେଚ କେନ୍ଦ୍ର ଆର.ଡି.ଏ.ସି. ସଂସ୍ଥା ମାଧ୍ୟମରେ ଚାଲୁଅଛି । ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ମୟୀ ବିଶ୍ୱାଳ, ଡି.ପି.ଏମ. ମନୋରଥ ଜଗନ୍ନାଥ ଙ୍କ ସମେତ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀ ୮ଗୋଟି ବ୍ଲକର ବି.ଡି.ଓ, ସି.ଡି.ପି.ଓ , ବ୍ଲକ ଚେୟାରମ୍ୟାନ, ପଞ୍ଚାୟତିରାଜ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ତଥା ଗ୍ରାମର ମାନ୍ୟଗନ୍ୟ ବରିଷ୍ଠ ନାଗରିକ ଓ ଶିକ୍ଷାବୀତ ମାନେ ଏହି କ୍ରେଚ କେନ୍ଦ୍ର ଗୁଡିକର ଉଦ୍ଘାଟନ କରିଛନ୍ତି । ସମାଜର ସବୁ ସ୍ତର ଲାଭାର୍ଥୀଙ୍କର ସହଯୋଗ ଓ ଯୋଗଦାନକୁ ପ୍ରାଧାନ୍ୟ ଦିଆଯାଇ ପ୍ରତି କ୍ରେଚ କେନ୍ଦ୍ରରେ ୨ ଜଣ ମହିଳା କ୍ରେଚ କର୍ମୀ ନିଯୁକ୍ତି ପାଇଥିବା ସ୍ଥଳେ ଗ୍ରାମର ଅଙ୍ଗନଓ୍ୱାଡି କର୍ମୀ, ଆଶା କର୍ମୀ ଓ ଗ୍ରାମର ମହିଳା ସ୍ୱୟଂ ସହାୟିକା ନେତ୍ରୀ ଓ ଗ୍ରାମ ଓ୍ୱାର୍ଡମେମ୍ବର କ୍ରେଚ କେନ୍ଦ୍ରର ପରିଚାଳନା ଓ କାର୍ଯ୍ୟକ୍ରମର ତଦାରଖ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଜଣାଯାଇଛି । ଏହି କ୍ରେଚ କେନ୍ଦ୍ର ଗୁଡିକ ସକାଳେ ୮ ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଖୋଲା ରହିବ. କର୍ମଜିବୀ ମହିଳା ତାଙ୍କର ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ କ୍ରେଚ କର୍ମୀଙ୍କର ଦାୟିତ୍ୱରେ ହସ୍ତାନ୍ତର କରିଯିବେ ଓ କାମରୁ ଫେରିଲା ପରେ କେନ୍ଦ୍ରରୁ ଶିଶୁଟିକୁ ଘରକୁ ନେଇଯିବେ । କ୍ରେଚ କେନ୍ଦ୍ରରେ ଶିଶୁଟି ଖାଦ୍ୟ, ମନୋରଞ୍ଜନ, ଖେଳ, ଔଷଧ ସେବନ ଓ ନିରାପଦ ପରିବେଶରେ ରହିବାର ବ୍ୟବସ୍ଥା ହୋଇଅଛି । ଯୋଜନା ଅନୁଯାୟୀ କ୍ରେଚ କେନ୍ଦ୍ର ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଓ ଆବଶ୍ୟକ ପ୍ରତିଷେଧକ ଟୀକା ଆଦି ପାଇବେ । ଶିଶୁର ବୃଦ୍ଧି ରେକର୍ଡର ସମସ୍ତ ବିବରଣୀ କ୍ରେଚ କେନ୍ଦ୍ରରେ ଉପଲବ୍ଧ ହେବ ବୋଲି ଜଣାଯାଇଛି । ପ୍ରକାଶ



ଥାଉକି, ସାରସକଣା ବ୍ଲକ ଅଧିନସ୍ଥ ଭରଶାଣୀ ନୂଆଗାଁ ଗ୍ରାମର କ୍ରେଚ କେନ୍ଦ୍ରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପୋଷ୍ୟ କ୍ରେଚ କେନ୍ଦ୍ର ରୂପେ ଗ୍ରହଣ କରିଛନ୍ତି. ଯାହାକି ଅନ୍ୟ କେନ୍ଦ୍ର ଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଛି । ଏହି ଉଦ୍ଘାଟନ ଉତ୍ସବରେ ଆର.ଡ଼ି.ଏ.ସି ପ୍ରକଳ୍ପ ନିର୍ଦ୍ଦେଶକ ସାଧନ ଦାଶ ଓ ଗୁଣନିଧି ଧାରୁଆ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନେ ଅନୁଷ୍ଠିତ ହୋଇଥିବା ବେଳେ, ୮ଟି ବ୍ଲକର କ୍ଲଷ୍ଟର ମ୍ୟାନେଜର, ସୁପର ଭାଇଜର, କ୍ରେଚ ସ୍ୱେଚ୍ଛାସେବୀ ମାନେ କ୍ରେଚ କେନ୍ଦ୍ର ମାନଙ୍କର ଉଦ୍ଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜନ୍ମଦିନରେ ରକ୍ତଦାନ ସହ ଔଷଧିୟ ବୃକ୍ଷ ଚାରା ବଣ୍ଟନ

ଅନୁଗୋଳ, ୦୩/୧୨ (ନି.ପ୍ର):ନିଆରା ଢଙ୍ଗରେ ଝିଅର ଜନ୍ମଦିନ ପାଳି ଉଦାହରଣ ସାଜିଲେ ସାମ୍ବାଦିକ । ଝିଅର ଜନ୍ମଦିନ ଉପଲକ୍ଷେ ମାତା, ପିତା ଆୟୋଜନ କଲେ ରକ୍ତଦାନ ଶିବିର । ଅନୁଗୋଳ କଳିଙ୍ଗ ଟିଭି ର ସାମ୍ବାଦିକ ମାନସ ମିଶ୍ର ଓ ତାଙ୍କ ପତ୍ନୀ ସ୍ମୃତିଲିପି ମିଶ୍ର ଙ୍କ କନ୍ୟା ସିଦ୍ଧି ସମ୍ଯୁକ୍ତା ମିଶ୍ରଙ୍କ ଜନ୍ମଦିନ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲେ ।ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ରକ୍ତଦାନ ସହ ଶୀବୀର । ରକ୍ତଦାନ ଏକ ମହତ କାର୍ଯ୍ୟ ତଥା, ଜୀବନ ରକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତିପୋଷଣ କ୍ଷେତ୍ରରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସାମାଜିକ ବାର୍ତ୍ତା ସହିତ ଏହାର ଗୁରୁତ୍ୱକୁ ଉପଲବ୍ଧ କରି, , ସଦା ସର୍ବଦା ଆଗକୁ ମଧ ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଜାରି ରହିବାର ଯୋଜନା ଅଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)



ଉଦୟ ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତୀମୟ, ନଗରପାଳ ଅକ୍ଷୟ ସାମନ୍ତ, ରୋଟାରି କ୍ଲବ ସଭାପତି ଡଃ ମାଇକେଲ ଜନ,ଯୋଗ ଗୁରୁ ଅଭୟ ରାୟ,ବିଜେଡି ନେତା ଅରୁଣାଭ ସିଂ,ସମାଜସେବୀ କ୍ଷୀରୋଦ ସାହୁ, ପ୍ରତାପ ମହାପାତ୍ର, ପର୍ଶୁରାମ ଦାସ, ସମାଜସେବୀ ପ୍ରଫୁଲ୍ଲ ମିଶ୍ର,ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ସହ ପ୍ରତେକ ରକ୍ତଦାତା ଙ୍କୁ ଔଷଧୀୟ ବୃକ୍ଷ ଚାରା ବଣ୍ଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ତାଙ୍କର ଏଭଳି ପ୍ରୟାସ କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ଭୁଲିଆ ମହାସଭା ଉଦଯାପିତ

ସିନାପାଲି, ୦୩/୧୨ (ନି.ପ୍ର): ପାଞ୍ଚ ଦିନ ଧରି କବିତୀର୍ଥ ବରପାଲି ଠାରେ ଆୟୋଜିତ ହେଉଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ତଥା ଭୁଲିଆ ସମାଜ ସଂଗଠନର ଶତାବ୍ଦୀ ପୂରଣ ସମାରୋହ ଉଦଯାପିତ ହୋଇଛି । ପ୍ରଥମ ଦିବସରେ ଏକ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ଗଙ୍ଗାଧର ଜ୍ୟୋତିକୁ ଅଣାଯାଇ ସଭାସ୍ଥଳରେ ସ୍ଥାପନ କରାଯାଇଥିଲା । ଦ୍ୱିତୀୟ ଦିନ ଉପମୁଖ୍ୟମଂତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ । ସମାଜର ରାଜ୍ୟ ସଭାପତି ବୈଶମ୍ପାୟନ ମେହେରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟକ ସନତ ଗଡ଼ତିଆ, ଅଶ୍ୱିନୀ ଷଡ଼ଙ୍ଗୀ, ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବାଗ୍ମୀ କୃଷ୍ଣ କେଶବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ । ସେହିଭଳି ସମାରୋହର ବିଭିନ୍ନ ଦିବସରେ ଅନୁଷ୍ଠିତ ସାହିତ୍ୟ ଆଲୋଚନା, ବୁଣାକାର ସମ୍ମିଳନୀ, ଯୁବ ସମାବେଶ, ଭୁଲିଆ ମହାସଭା ଆଦିରେ ସୁରେନ୍ଦ୍ର ମୋହନ ମେହେର, ଡ.ସୁବାସ ମେହେର, ମହେନ୍ଦ୍ର ମେହେର, ଜୟଦେବ ମେହେର, ରାମକ?ଷ୍ଣ ମେହେର, ଅଯୋଧ୍ୟା ମେହେର, ଶୁକମୁନି ମେହେର, ଶକ୍ତି ପ୍ରସାଦ ମେହେର, ଅଶୋକ ମେହେର, ବୈଷ୍ଣବ ମେହେର, ହେମନ୍ତ ମେହେର, ପ୍ରକାଶ ମେହେର, ପ୍ରଶାନ୍ତ ମେହେର ପ୍ରମୁଖ ଉଦବୋଧନ ଦେଇଥିଲେ । ଅସୂହା ଭାବ ଓ ଆତ୍ମବଡ଼ିମାକୁ ପରିତ୍ୟାଗ କରି ପରସ୍ପର ମଧ୍ୟରେ ସହଯୋଗ ମନୋବୃତ୍ତି ରଖି ସମାଜ ପ୍ରତି ସମର୍ପିତ ହେଲେ ଭୁଲିଆ ଜାତି ଖୁବ ଶୀଘ୍ର ଶ୍ରେଷ୍ଠତ୍ୱ ହାସଲ କରିବ ବୋଲି ଏ ଅବସରରେ ମତ ପ୍ରକାଶ ପାଇଥିଲା । ଏଥିସହ ନିଖିଳ ଓଡ଼ିଶା ଭୁଲିଆ ସମାଜର ନୂତନ କମିଟି ଗଠନ କରାଯାଇଥିବା ବେଳେ ସଭାପତି ଭାବରେ ବୈଶମ୍ପାୟନ ମେହେର, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ସଂପାଦକ ସୁବାସ ମେହେର, ସଂଗଠନ ସଂପାଦକ ପ୍ରଫୁଲ୍ଲ ମେହେର, କୋଷାଧ୍ୟକ୍ଷ ଶିବପ୍ରସାଦ ମେହେର ସମେତ ସମାଜର ୧୪ଟି ଜୋନ ପାଇଁ ସାତଜଣ ଉପସଭାପତି ଓ ସାତଜଣ ସହସଂପାଦକ ଚୟନ କରାଯାଇଥିଲା । ଏହି ଅବସରରେ ଭୁଲିଆ ଜାତି ଅସ୍ମିତା ଆଧାରିତ ଏକ ସ୍ମରଣୀକା 'ମେହେର ଶତାବ୍ଦୀ ସୌରଭ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଭିନ୍ନ ଦିଗରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ସଂଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ସତର୍କତା ସଙ୍କେତ ନଥିବାରୁ ଜନସାଧାରଣ ସଂକଟରେ

ମାଲକାନଗିରି, ୦୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ୍ ସଦର ରାସ୍ତାର ଉଭୟ ପାର୍ଶ୍ୱରେ ପେଭର ବ୍ଲକ୍ ଗଠନ କାର୍ଯ୍ୟ ଚାଲିଥିବାରେ ଜନସାଧାରଣ ମଧ୍ୟରେ ତୀବ୍ର ଅସନ୍ତୋଷ ଜନ୍ମ ନେଇଛି । ଗତ ୨୦ ଦିନରୁ ଅଧିକ ସମୟ ହୋଇଥିଲେ ମଧ୍ୟ କାମ ମନ୍ଥର ଗତିରେ ଚାଲୁଛି । ବର୍ତ୍ତମାନ ଯାବତ, କେବଳ ୩୦% କାର୍ଯ୍ୟ ସମାପ୍ତ ହୋଇଛି । ଏହାର ସବୁଠୁ ଦୁଃଖଜନକ ପରିସ୍ଥିତି ହେଉଛି, କାର୍ଯ୍ୟ ଅବସରରେ ସତର୍କତା ସଙ୍କେତ, ବ୍ୟାରିକେଡ୍, କିମ୍ବା ସୁରକ୍ଷା ବ୍ୟବସ୍ଥାର ଅଭାବ । ଫଳସ୍ୱରୂପ, ଏହା ଅନେକ ଦୁର୍ଘଟଣାର କାରଣ ହେଉଛି । ଯେଉଁଠି କାମ ଅଧାରୁ ହୋଇଛି, ସେଠାରେ ବାଲି ଓ ମାଲମସଲା ଖୋଲା ରଖାଯାଇଛି,



ଯାହା ଯାତାୟାତରେ ବାଧା ସୃଷ୍ଟି କରୁଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପେଭର ବ୍ଲକ୍ ଗଠନରେ ସମ୍ପୂର୍ଣ୍ଣ ନିୟମ ମାନା ହୋଇ ନାହିଁ । ରାତି ସମୟରେ ଆଲୋକ ବ୍ୟବସ୍ଥା ତିବ୍ର ଅଭାବରୁ ଅନେକ ସମୟରେ ଅପରିହାର୍ଯ୍ୟ ବିପଦ ସୃଷ୍ଟି ହେଉଛି । ରାସ୍ତାରେ ଯାନବାହନ ଏବଂ ପାଦଚାରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବାସିନ୍ଦା ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟର ତ୍ୱରାନ୍ୱିତ ନିର୍ବାହ କରିବା ଆବଶ୍ୟକ ।

# ରାଜ୍ୟସ୍ତରୀୟ ରଗବୀ ଫୁଟବଲରେ ମୟୂରଭଞ୍ଜର କୃତିତ୍ୱ

## ବିଭିନ୍ନ ବର୍ଗର ୨ଟି ଦଳ ଚମ୍ପିୟାନ ଓ ୨ଟି ଦଳ ରନର୍ସଅପ



ବାରିପଦା,୦୩/୧୨ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ରଗବୀ ଫୁଟବଲ ପ୍ରତିଯୋଗିତା ଭୁବନେଶ୍ୱର ସ୍ଥିତ ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଙ୍କ ମାର୍ଗଦର୍ଶନରେ ରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ପିଇଟି କ୍ରିଷ୍ଣା ଟୁଡୁ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଆଶାଲତା ମୁର୍ମୁ ଙ୍କ ନେତୃତ୍ୱରେ ବିଭିନ୍ନ ବର୍ଗର ୪୮ ଜଣ କ୍ରୀଡ଼ାବିତ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବିଭାଗ ଫାଇନାଲରେ ଭୁବେନେଶ୍ୱରକୁ ପରାସ୍ତ କରି ଚମ୍ପିୟାନ ଓ ବାଳିକା ବିଭାଗ ଫାଇନାଲରେ ଭୁବନେଶ୍ୱର ଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଛନ୍ତି । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗ ଫାଇନାଲରେ ଭୁବନେଶ୍ୱର ଠାରୁ ପରାସ୍ତ ହୋଇ ରନର୍ସଅପ ଓ ବାଳିକା ବିଭାଗ ଫାଇନାଲରେ ଭୁବେନେଶ୍ୱରକୁ ପରାସ୍ତ କରି ଚମ୍ପିୟାନ ହୋଇ ମୟୂରଭଞ୍ଜ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜେତା ଦଳ ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ଯୁବ ରେଡ଼କ୍ରସ ରକ୍ତଦାତାଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ,୦୩/୧୨ (ନି.ପ୍ର):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଗୁରୁବାର ଦିନ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ସ୍ୱେଚ୍ଛାସେବି ମାନଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଧରିତ୍ରୀ ରାଣୀ କାନୁନଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଭୈରବୀ ଡିଗ୍ରୀ କଲେଜ ର ଇତିହାସ ବିଭାଗ ର ଅଧ୍ୟାପକ ତଥା ଯୁବ ରେଡ଼କ୍ରସ ସଂଯୋଜକ ସୁରେଶ୍ୱର ଯୋଶୀ ଯୋଗ ଦେଇ ରେଡକ୍ରସ ର ଲକ୍ଷ୍ୟ ଉଦେଶ୍ୟ, ଭୂମିକା, ସ୍ୱାସ୍ଥ୍ୟ, ସେବା, ଏବଂ ବନ୍ଧୁତା ମଧ୍ୟମରେ ସମାଜ ସେବା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀ, ଅଧ୍ୟାପକ ଦେବାଶିଷ ପାଣିଗ୍ରାହୀ, ଦେବାଶିଷ ସାହୁ, ଅଧ୍ୟାପିକା ନୌତାଜିକା ବେହେରା ପ୍ରମୁଖ ସହ ଯୁବ ରେଡ଼କ୍ରସ ପରାମର୍ଶ ଦାତା ଶରତ କୁମାର ନାଏକ ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିମିଳିପାଳ ବନାଗ୍ନିର ସଫଳ ମୁକାବିଲା ନିମନ୍ତେ ଆକ୍ସନ ପ୍ଲାନ

## ସୋସିଆଲ ମିଡ଼ିଆ ମାଧ୍ୟମରେ ସଚେତନତା ବାର୍ତ୍ତା ଉପରେ ବିଶେଷ ଗୁରୁତ୍ୱ



ବାରିପଦା,୦୩/୧୨ (ନି.ପ୍ର): ଓଡ଼ିଶାର ସର୍ବବୃହତ ଜୈବ ମଣ୍ଡଳ ଶିମିଳିପାଳକୁ ବିନାଗ୍ନୀ ଦାଉରୁ ସୁରକ୍ଷା ଦେବା ନିମନ୍ତେ ଜଙ୍ଗଲ ଅଗ୍ନି ନିରାକରଣ ଏବଂ ପରିଚାଳନା କାର୍ଯ୍ୟ ଯୋଜନା ସମ୍ବନ୍ଧରେ ଜିଲ୍ଲା ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ବନାଗ୍ନିକୁ ରୋକିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଶିମିଳିପାଳ ଦକ୍ଷିଣ ଉପ-ନିର୍ଦ୍ଦେଶକ, ସମ୍ରାଟ ଗୌଡା, ଉତ୍ତର ଉପ - ନିର୍ଦ୍ଦେଶକ ସାଇକିରଣଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ ସଚେତନତାର ଅଭାବ ଶିମିଳିପାଳରେ ନିଆଁ ଲାଗିବାର ଏକ ପ୍ରମୁଖ କାରଣ ବୋଲି ଉପସ୍ଥାପନ କରିବା ସହ ଶିମିଳିପାଳ ବନଖଣ୍ଡରେ ଘନ ଜଙ୍ଗଲ ୧୩୦୦ ବର୍ଗ କିଲୋମିଟର ମଧ୍ୟ ଜଙ୍ଗଲ ୧୬୧୭ ବର୍ଗ କିଲୋମିଟର , ମୁକ୍ତ ଜଙ୍ଗଲ ୧୦୪୨ ବର୍ଗ କିଲୋମିଟର ହୋଇଥିବା ବେଳେ ୯୭୩ଟି ଅଗ୍ନି ବିନ୍ଦୁ କେନ୍ଦ୍ର ବିଭିନ୍ନ ବନଖଣ୍ଡରେ ଚିହ୍ନଟ ହୋଇଛି । ଏହି ଅଗ୍ନି ବିନ୍ଦୁ କେନ୍ଦ୍ର ମାନଙ୍କରୁ ପ୍ରତ୍ୟେକ ବର୍ଷ ଜଙ୍ଗଲରେ ନିଆଁ ଲାଗି ଅନେକ ଜୈବ ବିବିଧ ନଷ୍ଟ ହେଉଅଛି । ଏହା ଛଡା ଅନେକ ମନୁଷ୍ୟକୃତ କାର୍ଯ୍ୟକଳାପ ଯଥା ପୋଡୁଚାଷ, ଧାନ ନଡ଼ା ଜାଳିବା, ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇଦେବା, ଅନଧିକାର ଜବରଦଖଲ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଭଳି କାର୍ଯ୍ୟ ଯୋଗୁଁ ବନାଗ୍ନି ଭଳି ଦୁର୍ବିପାକ ହେଉଛି ବୋଲି କହିଥିଲେ । ଏଣୁ ଏହି ମନୁଷ୍ୟକୃତ କାର୍ଯ୍ୟକଳାପ ରୋକିବା ପାଇଁ ପଥପ୍ରାନ୍ତ ନାଟକ, ପାଲା, ଦାସକାଠିଆ, ଲୋକକଳା, ଫୁଟବଲ ଖେଳ ଇତ୍ୟାଦି ହଟସ୍ପଟ ନିକଟବର୍ତ୍ତି ୭୩୪ଟି ଗ୍ରାମରେ ଅନୁଷ୍ଠିତ ହେବ ବୋଲି କହିଥିଲେ. ଜିଲ୍ଲାପାଳ ଶ୍ରୀ ସୟ ଏହି ସଚେତନତା ପାଇଁ ସୋସିଆଲ ମିଡ଼ିଆର ବ୍ୟାପକ ବ୍ୟବହାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ. ଏହାଛଡା ୭୭୩୧.୫୪ କିମି ବନଖଣ୍ଡ ଅଂଚଳରେ ଫାୟାର ଲାଇନ ନିର୍ମାଣ କରାଯିବା, ସଚେତନତା ଅଭିଯାନରେ ସ୍ୱୟଂ ସହାୟକ ଗୋଷ୍ଠୀ, ପିଆରଆଇ ସଦସ୍ୟ ତଥା ପ୍ରତି ବ୍ଲକରେ ବିଡ଼ିଓ ମାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ମଧ ଜିଲ୍ଲାପାଳ କହିଥିଲେ । ଏହି ଆଧାରରେ, ଡିସେମ୍ବର ରୁ ମାର୍ଚ୍ଚ ମାସ ମଧ୍ୟରେ ୫୪ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ. ଏହି ଆକ୍ସନ ପ୍ଲାନ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ଅତିରିକ୍ତ ବନରକ୍ଷୀ ରବି ନାରାୟଣ ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶିବରାମ ମୁଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠି ପ୍ରମୁଖ ଯୋଗ ଦେଇଥିଲେ ।

# ଅଧିକାରିଣୀ ଓ କର୍ମଚାରୀ ଘରୁ ଚଳାଇଛନ୍ତି କୋରେଇ ବ୍ଲକ କୃଷି କାର୍ଯ୍ୟାଳୟ !

କୋରେଇ,୦୩/୧୨ (ନି.ପ୍ର): ସରକାର ବଦଳିଲା ପରେ ସରକାରୀ କର୍ମଚାରୀ ମାନେ ସେମାନଙ୍କ କାର୍ଯ୍ୟରେ ତତ୍ପରତା ପ୍ରକାଶ କରିଛନ୍ତି । ସାରା ରାଜ୍ୟରେ ବର୍ତ୍ତମାନ ସବୁ ସରକାରୀ କାର୍ଯ୍ୟାଳୟ ଠିକ ଢଙ୍ଗରେ ଓ ନିୟମିତ ସମୟ ନିର୍ଘଣ୍ଟ ରେ ଚାଲୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଏହାର ବ୍ୟତିକ୍ରମ କୋରେଇରେ ଦେଖିବାକୁ ମିଳିଛି । କୋରେଇ ରେ ବର୍ତ୍ତମାନ କୌଣସି ସରକାରୀ କାର୍ଯ୍ୟାଳୟ ଠିକ ଢଙ୍ଗରେ କାର୍ଯ୍ୟ କରୁନଥିବା ଦେଖିବାକୁ ମିଳୁଛି । ଭାତ ହାଣ୍ଡିରୁ ଗୋଟେ ଭାତ ଚିପିଲା ପରି ଖୋଦ ବ୍ଲକ ପରିସର ରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି ।ଏହି କାର୍ଯ୍ୟାଳୟ ନାମରେ ପୂର୍ବ ସରକାର ଅମଳରେ କର୍ମଚାରୀ ନଆସିବା, ଲୋକ ମାନେ ବିଭିନ୍ନ କାର୍ଯ୍ୟରେ ଆସି ହଇରାଣ ହରକତ ହୋଇ ଫେରିଯିବା ପରି



ସଂଗୀନ ଅଭିଯୋଗ ହୋଇଆସୁଥିବା ବେଳେ ଏବେ ମଧ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି ।ସୂଚନା ଅନୁସାରେ ଏହି କାର୍ଯ୍ୟାଳୟରେ ପ୍ରାୟ ୧୦-୧୨ ଜଣ କାର୍ଯ୍ୟ କରୁଛନ୍ତି ।ଗୁରୁବାର ପ୍ରାୟ ଦିନ ୩ ଟା ବେଳେ ଏହି କାର୍ଯ୍ୟାଳୟ ରେ କେବଳ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡିଦେଲେ କେହି ଜଣେ ହିଁ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା ।ଏନେଇ ଆମେ ସଙ୍ଗେ ସଙ୍ଗେ ବ୍ଲକ କୃଷି ଅଧିକାରିଣୀ କବିତା ବେହେରା ଙ୍କୁ ପଚାରିବାରୁ ସେ ପ୍ରଥମେ ଆମକୁ କର୍ମଚାରୀ ମାନେ ସେଇଟି ଥିବେ କହିଥିଲେ ଏବଂ ପୁଣି ପଚାରିବାରୁ ବିରକ୍ତି ପ୍ରକାଶ କରି ଫୋନ କାଟି ଦେଇଥିଲେ ।ପରେ ପରେ ଆମେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲୁ । ସେ ସଙ୍ଗେ ସଙ୍ଗେ ଜଣେ କର୍ମଚାରୀ ଙ୍କୁ ପଠାଇ ଦେଖିଥିଲେ ଏବଂ ଆସନ୍ତାକାଲି ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେବେ ବୋଲି କହିଥିଲେ ।ପରେ ପରେ ଆମେ ଜିଲ୍ଲା କୃଷି ଅଧିକାରୀ ଙ୍କୁ ଜଣାଇଥିଲୁ ସେ କହିଥିଲେ ଆମ ପାଖକୁ ଲିଖିତ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ । ଏଠାରେ ପ୍ରଶ୍ନ ଉଠେ ଏହି କାର୍ଯ୍ୟାଳୟ ରେ କାମ କରୁଥିବା ଲୋକ ଜଣେ ସାଧାରଣ ଚାଷୀ ସେ କଣ ଯାଜପୁର ଟାଉନ ଯାଇ ଲିଖିତ ଅଭିଯୋଗ କରି ପାରିବ ? ଜିଲ୍ଲାପାଳ ମହୋଦୟା ଏହାକୁ ଗୁରୁତର ସହିତ ନେଇ ଏହି କାମ ଚୋର କର୍ମଚାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋରେଇର ବୁଦ୍ଧିଜୀବୀ ମାନେ ଦାବୀ କରିଛନ୍ତି ।

# ଓଡ଼ିଶାରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଜାତୀୟ ଅଭିଯାନ

ଭୁବନେଶ୍ୱର: ଲିଙ୍ଗଗତ ହିଂସାର ଏକ ବ୍ୟାପକ ରୂପ ବାଲ୍ୟ ବିବାହ ଭାରତରେ ପିଲାମାନଙ୍କର ଅଧିକାର ଓ ଭବିଷ୍ୟତ ପ୍ରତି ନିରନ୍ତର ବିପଦ ସୃଷ୍ଟିକରୁଛି । ଏହି ଧାରାରେ ପରିସମାପ୍ତି ଘଟାଇବା ନିମନ୍ତେ ପ୍ରତିଶୃତିବଦ୍ଧ ହମାରା ବଚ୍‌ପନ ଟ୍ରଷ୍ଟ (ଏଚବିଟି) ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ୧୦୪୯ ବାଲ୍ୟ ବିବାହକୁ ସଫଳତାର ସହିତ ରୋକିପାରିଛି । ଏହାର ଲକ୍ଷ୍ୟ ଅନୁଯାୟୀ ରାଷ୍ଟ୍ରବ୍ୟାପୀ 'ବାଲ୍ ବିବାହ ମୁକ୍ତ ଭାରତ' ଅଭିଯାନରେ ସଫଳତାର ସହିତ ଅଂଶଗ୍ରହଣ କରୁଛି, ଯାହା ନଭେମ୍ବର ୨୭ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଦ୍ୱାରା ଉଦ୍?ଘାଟିତ ହୋଇଯାଇଛି । ୪୦୦ ଜିଲ୍ଲାରେ କାର୍ଯ୍ୟ କରୁଥିବା ୨୫୦ରୁ ଅଧିକ ନାଗରିକ ସମାଜ ସଂଗଠନର ଏକ ରାଷ୍ଟ୍ରୀୟ ନେଟୱର୍କ ଜଷ୍ଟ୍ ରାଇଟ୍‌ସ୍ ଫର ଚିଲଡ୍ରେନ (ଜେଆରସି) ଆଲାଏନ୍ସର ଏକ ମୁଖ୍ୟ ସହଯୋଗୀ ଭାବରେ ଏଚ୍‌ବିଟି ବାଲ୍ୟ-ବିବାହ-ମୁକ୍ତ ଜିଲ୍ଲା ଗଠନ ପ୍ରୟାସରେ କୈଳାଶ ସତ୍ୟାର୍ଥୀ ଚିଲ୍‌ଡ୍ରେନ୍ସ ଫାଉଣ୍ଡେସନର ସମ୍ପ୍ରତି ରହିଥିବା ସହଯୋଗୀତା ସହିତ କେନ୍ଦୁଝର ଓ କନ୍ଧମାଳରେ ଜିଲ୍ଲାସ୍ତରୀୟ ଉଦ୍‌ଘାଟନର ନେତୃତ୍ୱ ନେଇଥିଲା । ଏହି ପ୍ରୟାସରେ ସଂପୃକ୍ତ ମୁଖ୍ୟ ସହଭାଗୀଙ୍କ ମଧ୍ୟରେ ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ (ଡିଏସ୍‌ପି), ବାଳ ଅପରାଧ ନ୍ୟାୟ ବୋର୍ଡ (ଜେଜେବି)ର ସଦସ୍ୟଗଣ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଗଣ (ସିଡିପିଓ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଗଣ (ଡିସିପିଓ), ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ସଦସ୍ୟଗଣ, ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟସ୍ ? (ସିସିଆଇ)ର ପ୍ରତିନିଧିବୃନ୍ଦ ଏବଂ କିଶୋରୀ ବାଳିକାମାନେ ସାମିଲ ଥିଲେ । କନ୍ଧମାଳରେ ଏହି ଅଭିଯାନ ରାଇକିଆ, ମଣ୍ଡାକିଆ, ଗୋଛାପଡା, ଫିରିଙ୍ଗିଆ ଏବଂ କାଇଁଝର ଆଦି ପାଞ୍ଚଟି ପଞ୍ଚାୟତର ୫୦ଟି ଗ୍ରାମରେ ଗ୍ରାମ୍ୟସ୍ତରୀୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଅନୁରୂପ ଭାବରେ କେନ୍ଦଉଜରରେ ପଟଣା, ହାଟଡିହି ଏବଂ ବାଂଶପାଳ ବ୍ଲକ୍ ?ଗୁଡିକରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯାହା ୧୩ଟି ଗ୍ରାମ ପଞ୍ଚାୟତର ୫୦ଟି ଗ୍ରାମରେ ପହଞ୍ଚିଥିଲା । ଉଭୟ ଜିଲ୍ଲାରେ ଅଙ୍ଗନବାଡି କର୍ମୀ, ଏସଏଚ୍‌ଜି ଏବଂ ସିବିଓ ସଦସ୍ୟ, ପିଆରଇ ପ୍ରତିନିଧି, ଅଭିଭାବକ, ଧର୍ମୀୟ ନେତୃବୃନ୍ଦ ଏବଂ ଯୁବବର୍ଗଙ୍କ ସମେତ ପ୍ରାୟ ୪୩୦୦ ଲୋକ ବାଲ୍ୟ ବିବାହ ନିରାକରଣ ପ୍ରୟାସରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ମହମବତୀ ଶୋଭାଯାତ୍ରା ଏବଂ ଶପଥଗ୍ରହଣ ଉତ୍ସବ ସ୍ଥାନ ପାଇଥିଲା, ଯାହା ବାଲ୍ୟ ବିବାହରେ ପରିସମାପ୍ତ ଘଟାଇବା ନିମନ୍ତେ ଜନସାଧାରଣଙ୍କର ମଜଭୁତ ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିଥିଲା ।

# ପୁନର୍ବାସ ସୃଜନ ସମ୍ମାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ' ଅନୁଷ୍ଠିତ



କେନ୍ଦ୍ରାପଡ଼ା ୩/୧୨ (ନି.ପ୍ର): ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସାମାଜିକ ପୁନଃପ୍ରତିଷ୍ଠା ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମାଧାପୁର ସ୍ଥିତ ଅମର ଉଦ୍ୟାନ ପରିସରରେ ' ପୁନର୍ବାସ ସୃଜନ ସମ୍ମାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ' ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରାକ୍ତନ୍ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ଅତିଥି ନିମନ୍ତ୍ରଣ କରିଥିଲେ କ୍ଷ କେମ୍ ର ସଭାପତି ଅକ୍ଷୟ କୁମାର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ପ୍ରାରମ୍ଭରେ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ କ୍ଷ ଏହା ପରେ ବିରଜା ରାଉତରାୟଙ୍କ ୫ମ କବିତା ସଙ୍କଳନ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ପାଠକାର୍ପିତ ହୋଇଥିଲା।କାର୍ଯ୍ୟକ୍ରମର ଉଦ୍ଘାଟକ ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଭିନ୍ନକ୍ଷମଙ୍କୁ କେବେବି ଦୟାର ପାତ୍ର ନ ଭାବି କିମ୍ବା ସ୍ୱତନ୍ତ୍ର ଗୋଷ୍ଠୀ ବୋଲି ନ ଭାବି ତାଙ୍କ ସକ୍ଷମତାକୁ ଚାହିଁ ସେମାନଙ୍କୁ ମୂଲ୍ୟାଙ୍କନ କରନ୍ତୁ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଲୋକାର୍ପିତ ହୋଇଥିବା କବିତା ପୁସ୍ତକର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ୍ କଥାକାର ଡ. ରାମ ଚନ୍ଦ୍ର ବେହେରା ଯୋଗ ଦେଇ ସମସ୍ତେ କିଛି ନା କିଛି କ୍ଷେତ୍ରରେ ଭିନ୍ନକ୍ଷମ ଅଟନ୍ତି ବୋଲି କହିଥିଲେ ଓ ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପ୍ରଶଂସା କରିଥିଲେକ୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ କବୟିତ୍ରୀ ପ୍ରତିଭା ପରିଡା ଓ ବରିଷ୍ଠ ପ୍ରାବନ୍ଧିକ ଗୌରାଙ୍ଗ ସାହୁଙ୍କୁ ପୁନର୍ବାସ ସୃଜନ ସମ୍ମାନ ଏବଂ ଯୁବ ବର୍ଗଙ୍କ ପାଇଁ ପ୍ରେରଣା ସାଜିଥିବା ଦୃଷ୍ଟିବାଧିତ କଣ୍ଠ ଶିଳ୍ପୀ ରଞ୍ଜିତ ରଂଜନ ନାୟକଙ୍କୁ' ସଙ୍ଗୀତଶ୍ରୀ ସମ୍ମାନ', ଚଳନ ଶକ୍ତି ବାଧିତ ପ୍ରଶାନ୍ତ ନାୟକଙ୍କୁ 'କ୍ରୀଡ଼ାଶ୍ରୀ ସମ୍ମାନ'ଏବଂ ଦୃଷ୍ଟି ବାଧିତ ଗୋଲୁ ତିରୁପତି ରେଡ୍ଡିଙ୍କୁ 'ଯୁବଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଭୟ ଭିନ୍ନକ୍ଷମ ଓ ସକ୍ଷମ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୁକ୍ତାକାଶ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଶ୍ୱ ଏଡସ୍ ଦିବସ ପାଳିତ



ନବରଙ୍ଗପୁର, ୩/୧୨ (ନି.ପ୍ର):ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ ଥିବା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଗତ କାଲି ରବିବାର ଛୁଟି ଦିବସ ପଡିଥିବାରୁ କାଲିର କାର୍ଯ୍ୟକ୍ରମକୁ ଆଜି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମହାଆଡମ୍ବର ରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନେ ବିଶ୍ୱ ଏଡସ୍ ଦିବସ ବ୍ୟାନର ଧରି ହାତରେ ଏଡସ୍ ସଚେତନତା ର ପ୍ଲା କାର୍ଡ ଧରି ଏଡସ୍ ସଚେତନତା ର ନାରା ଦେଇ ଡାବୁଗାଁ ସହର ପରିକ୍ରମା କରି ବିଦ୍ୟାଳୟ କୁ ଫେରିଥିଲେ। ପରେ ବିଦ୍ୟାଳୟ ର ଏକ ଗୃହରେ ସଚେତନତାର ଏକ ସଭା ଆୟୋଜନ କରାଯାଇ ଥିଲା କ୍ଷଉକ୍ତ ସଭାରେ ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଉକ୍ତ ବିଦ୍ୟାଳୟ ର ଅଧ୍ୟାପକ ରେଡ୍ କ୍ରସ କାଉନସିଲର ଶିବ ପ୍ରସାଦ ସାହୁ, ନବୀନ କୁମାର ନାଗେଶ, ସରୋଜ କୁମାର ବୋଡ଼କିଆ,ପଦମ ଭତ୍ରକ୍ଷ, ଲିପୁ ଚନ୍ଦ୍ର ମାଝୀ, ପ୍ରଦୀପ ଭତ୍ରକ୍ଷ, କୈଳାଶ ମାଝୀ, ଅଧ୍ୟାପିକା ରଶ୍ମିତା ପାଢୀ, ଚିନ୍ମୟୀ ସୁନ୍ଦରା,ଖୁଲଣାବତୀ ପୂଜାରୀ ପ୍ରମୁଖ କର୍ମଚାରୀ ବୃନ୍ଦ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଶୁଭଲକ୍ଷ୍ମୀ ଭୂଷଣ ବେଶ୍ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ। ଏଡସ୍ ରୋଗୀ ଙ୍କୁ ଘୃଣା ନକରି ନିଜର ଭାବି ସରଳ ବ୍ୟବହାର କରିବା,ଏଡସ୍ ଛୁଆଁ ରୋଗ ନୁହେଁ, ଡାକ୍ତରଖାନାରେ ଇଞ୍ଜେକସନ୍ ନେବା ବେଳେ ନୂଆ ସିରିଞ୍ଜି ବ୍ୟବହାର, ଚୁଟି ଓ ଦାଢ଼ି କାଟିବା ବେଳେ ରକ୍ତ ଲାଗିଥିବା ବ୍ଲେଡ ଓ କଇଁଚି ପରିଷ୍କାର କରି କିମ୍ବା ନୂତନ ବ୍ଲେଡ ବ୍ୟବହାର କରିବା କ୍ଷୌର କାର୍ଯ୍ୟ କରାଇବା ଏ ସବୁ ପ୍ରତି ଦୁରେଇ ରହିଲେ ଏଡସ୍ ପ୍ରତି ସଚେତନ ହେବା ଭଳି ଉପାଦେୟ ତଥ୍ୟ ବୁଝାଇଥିଲେ। ଏଡସ୍ ର ଭୟାବହତକ୍ଷ,ଏହି ଭୁତାଣୁ ର ଅବସ୍ଥାନ, ସଂକ୍ରମଣର ମାଧ୍ୟମ, ଏଡସ୍ ନିବାରଣର ଆବଶ୍ୟକତା, ଏଡସ୍ ନିବାରଣ ଶିକ୍ଷାର ଲକ୍ଷ୍ୟ, ଏହିରୋଗର ଲକ୍ଷଣ, ଚିକିତ୍ସା ପ୍ରଣାଳୀ ଏବଂଏହି ରୋଗ ସଂକ୍ରମଣ ବିଷୟରେ ଥିବା କିଛିଭ୍ରାନ୍ତ ଧାରଣା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଏଡସ୍ ପ୍ରତି ସଜାଗ ହୋଇ ରହିବା ପାଇଁ ବ୍ୟାପକ ଭାବେ ଆଲୋଚନା ରଖିଥିଲେ। ତାଙ୍କୁ ସାହସ ଧୈର୍ଯ୍ୟ ଦେବା ଆମର କର୍ତ୍ତବ୍ୟ।

## ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା

ନବରଙ୍ଗପୁର ୩/୧୨ (ନି.ପ୍ର): ଧରାକୋଟ ସ୍ଥିତ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଶକ୍ତି ସଂରକ୍ଷଣ ଉପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୯ ଗୋଟି ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଭାଗ ନେଇଥିଲେ । ସରଧାପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଶାନ୍ତନୁ ପ୍ରଧାନ ପ୍ରଥମ,ଗୋପାଳ ପ୍ରଧାନ ଦ୍ୱିତୀୟ ଓ ଅନନ୍ତ ନାରାୟଣ ବିଦ୍ୟାପୀଠ ମୁଣ୍ଡମରାଇ ର ଦଶମ ଶ୍ରେଣୀ ର ସୌରଭ ଗୌଡ଼ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବି ଇ ଓ ଲିଙ୍ଗରାଜ ସ୍ୱାଇଁ, ଏ ବି ଇ ଓ ସିମାଞ୍ଚଳ ବେହେରା,ବିଭୂତି ଭୂଷଣ ପାତ୍ର କୃତି ଛାତ୍ର ମାନ କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ସି ଆର ସି ସି ଜଗନ୍ନାଥ ପଢ଼ିହାରୀ,ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଗାଇଡ ଶିକ୍ଷକ ଗଣପତି ଗମାଙ୍ଗ,ଶିକ୍ଷକ ବିଧୂ ଭୂଷଣ ରାଉତ, ପ୍ରୀତିପ୍ରିୟା ପାଣିଗ୍ରାହୀ ଙ୍କ ସମେତ ସମସ୍ତ କର୍ମଚାରୀ ପରୀକ୍ଷା ପରିଚାଳନା,ମୂଲ୍ୟାୟନ ଓ ପୁରସ୍କାର ବିତରଣ ରେ ସହଯୋଗ ପ୍ରଦାନ କରିଥିଲେ।

## ମେଳା ବିକାଶର ବାର୍ତ୍ତା ଦେଇଥାଏ- ଜଳେଶ୍ୱର,ସୀମାନ୍ତ ଗ୍ରାମୀଣ ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ

ଜଳେଶ୍ୱର,୩/୧୨ (ନି.ପ୍ର):ଜଳେଶ୍ୱର ସୀମାନ୍ତ ଅଞ୍ଚଳର,କଳା ସଂସ୍କୃତି, ଐତିହ ,ପରମ୍ପରା ର ଅନାଲୋଚିତ ଗୌରବ ଗାଥା କୁ ରୁଦ୍ଧିମନ୍ତ କରୁଥିବା, ଜଳେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ, ଭଞ୍ଜ ଶ୍ରୀ ଭବନରେ ଆୟୋଜିତ ବୈଠକରେ ମହୋତ୍ସବ କମିଟିର ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ନୂଆ ବଜାର ତାରିଣୀ ଛକ ନିକଟରେ ହୋଇ ଆସୁଥିବା ମହୋତ୍ସବ କମିଟିର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ସଭାପତିତ୍ୱ କରି,୧୧ ଦିନିଆ, ସୀମାନ୍ତ ମହୋତ୍ସବ ର କାର୍ଯକ୍ରମ ଓ ରୂପରେଖ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ।ଉପସଭାପତି ଦିଲ୍ଲିପ କୁମାର ପରିଡ଼ା, ସଂଯୋଜକ ଅଶୋକ ଦାସ, ମହିଳା ଅଭ୍ୟର୍ଥନା କମିଟି ପ୍ରମୁଖ ଆରତୀ ଦାସ, ଆଦିବାସୀ ସଂଗଠନର କାର୍ଯ୍ୟକର୍ତ୍ତା ଗଣେଶ ସୋରେନ୍, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ପ୍ରମୁଖ ୨୧ ତାରିଖ ପାଖରୁ ୩୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବା ସହିତ, ଉଦଘାଟନ ଉତ୍ସବରେ ଶୋଭାଯାତ୍ରା, ଉଦଘାଟନୀ ସଭା, ଜନଜାତି ଉତ୍ସବ,ମହିଳା ଦିବସ,ଜାତିୟ ସଂଘତି ଦିବସ, ସଂଖ୍ୟା ଲଘୁ ସମ୍ପ୍ରଦାୟ ର ଜଲସା, ଭିନ୍ନକ୍ଷମ ଦିବସ,ଶିକ୍ଷା ଦିବସ,କୃଷକ ଦିବସ,ବଙ୍ଗ ଉତ୍କଳ ମୈତ୍ରୀ ଦିବସ, ଉତ୍କଳ ସମ୍ମିଳନୀ ଦିବସ, ଅଞ୍ଚଳର ବିଶିଷ୍ଟ ପ୍ରତିଭା ଙ୍କୁ ସମ୍ବର୍ଦ୍ଧନା ଦିବସ, ଶେଷରେ ରକ୍ତଦାନ ଓ ଭଜନ କୀର୍ତ୍ତନ,ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଗତ ବର୍ଷ ଭଳି ୨ଟି ମଞ୍ଚରେ କ୍ରମାଗତ ଭାବେ ପ୍ରତିଭା ଅନ୍ୱେଷଣ, ଅଞ୍ଚଳର ବିକାଶ ସମ୍ପର୍କିତ ଆଲୋଚନା,କଳା ସଂସ୍କୃତି ପରିବେଷଣ ସହିତ ଆଞ୍ଚଳିକ ଲୁକ୍କାୟିତ ଲୋକ କଳା ପ୍ରତିଭା ଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ମଧ୍ୟରେ ନିଶାଦ୍ରବ୍ୟ ଓ ଜୁଆ ଖେଳ ସମ୍ପୂର୍ଣ୍ଣ ନିଷେଧ ପାଇଁ ସୂଚନା ଦିଆଯାଇଛି। ମହୋତ୍ସବ କମିଟିର କୋଷାଧ୍ୟକ୍ଷ ସୌଭିକ ଜେନା,ସହ ସମ୍ପାଦକ କାଉନସିଲର ଶିବ ନାରାୟଣ ମହାପାତ୍ର,ଜଗଦିଶ ନନ୍ଦୀ, ସୁଦାମ ପାତ୍ର,ଶରତ ପରିଡ଼ା, ହେମନ୍ତ ଗିରି,ରବୀନ୍ଦ୍ର ବାରିକ, ଦୁର୍ଗା ଶଙ୍କର ଭୂୟାଁ,ଦୀପକ ସେଣ,ଗୋପଳ ଚନ୍ଦ, ରାଧାରାଣୀ ପାତ୍ର,ଅଙ୍ଗନବାଡ଼ି ସଂଘ, ଆଦୀବାସୀ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟ କ୍ରମରେ ଅଂଶ ଗ୍ରହଣ ପୂର୍ବକ ମହୋତ୍ସବ କୁ ସଫଳ କରିବା ପାଇଁ କମିଟି ର ବରିଷ୍ଠ ସଭ୍ୟ ଆଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶତାୟୁ ବ୍ୟକ୍ତିଙ୍କ ପରଲୋକ

ନବରଙ୍ଗପୁର୩/୧୨ (ନି.ପ୍ର): ଧରାକୋଟ ଗଡର ମୁସଲମାନ ବସ୍ତିର ଶତାୟୁ ବୃଦ୍ଧ ଆଗା ଜାନ ଖାଁ ଙ୍କ ର ୧୦୧ ବର୍ଷରେ ପରଲୋକ ହୋଇଯାଇଛି। ସେ ୧୯୬୪ ମସିହାରେ ଧରାକୋଟ ବ୍ଲକ ପ୍ରତିଷ୍ଠା ସମୟରୁ ବ୍ଲକରେ ସରକାରୀ ଚାକିରି ଆରମ୍ଭ କରି ୧୯୯୭ ରେ ସେଠାରୁ ଅବସର ଗ୍ରହଣ କରିଥିଲେ। ନିଜର ସରଳ ଓ ଅମାୟିକ ଗୁଣ ଯୋଗୁଁ ସେ ବ୍ଲକର ପ୍ରଶାସନିକ ଓ ରାଜନୟାତିକ ବ୍ୟକ୍ତି ମାନଙ୍କ ପ୍ରିୟପାତ୍ର ହୋଇ ଦୀର୍ଘ ୩୩ ବର୍ଷ ଗୋଟିଏ ସ୍ଥାନରେ ଚାକିରି ଆରମ୍ଭ କରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଆକବର,କନିଷ୍ଠ ପୁତ୍ର ଇଶମାଇଲ,ଚାରି ଜଣଝିଅ ,ପୁତ୍ରବଧୂ,ନାତି ଓ ନାତୁଣୀ ମାନେ ଉପସ୍ଥିତ ରହିଥିଲେ। ମୁସଲମାନ ରୀତି ନୀତି ଅନୁଯାୟୀ ତାଙ୍କର ଶବକୁ କବର ଦିଆଯାଇଥିଲା।

## ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ନବରଙ୍ଗପୁର:୩/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଓ ଜୁନାପାଣି ପଞ୍ଚାୟତରେ ହିତାଧିକାରୀ ଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଉଛି । ଏହି ଅବସରରେ ବୋରିଗାଁ ଏଂ ଜୁନାପାଣି ପଞ୍ଚାୟତରେ ଅନୁଷ୍ଠିତ ସଭାରେ ଡାବୁଗାଁ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ହିତାଧିକାରୀ ମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ । ଏଥିରେ ବୋରିଗାଁ ରୁ- ୫୧ ଜଣ ଓ ଜୁନାପାଣି ରୁ-୨୦ ଜଣ, ମୋଟ ଦୁଇଟି ପଞ୍ଚାୟତରୁ ମୋଟ ୭୧ ଜଣ ହିତାଧିକାରୀ ମାନଙ୍କୁ ଜଙ୍ଗଲଜମି ପଟ୍ଟା ବଣ୍ଟନ କରାଯାଇଛି । ଏହି ପଟ୍ଟା ବଣ୍ଟନ ସମୟରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ବ୍ଲକ ଉପାଧ୍ୟକ୍ଷ ସଦନାଦ ନାୟକ, ଜିଲ୍ଲାପରିଷଦ ସଭ୍ୟ ଧନସିଂ ଭତ୍ରା, ଡାବୁଗାଁ ତହସିଲଦାର ହରିଓମ ଭୋଇ, ବିଡିଓ ଶରତ ମାଝୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଜେଡି ବରିଷ୍ଠ ନେତା ଏମ୍. ଆପ୍ପା ରାଓ, ବୋରିଗାଁ ସରପଞ୍ଚ ଶୁକ୍ର ଭତ୍ରା, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଘୋଡାଖୁଣ୍ଟା ରାଜସ୍ୱ ନିରିକ୍ଷକ ଗଙ୍ଗାଧର ମହାଙ୍କୁଡ, ଜୁନାପାଣି ରାଜସ୍ୱ ନିରିକ୍ଷକ କେ. ମଦାଲସା, ତହସିଲ କର୍ମଚାରୀ ଏବଂ ହିତାଧିକାରୀ ମାନେ ଉପସ୍ଥିତ ଥିଲେ ।

## ଶ୍ରାଦ୍ଧ ବାର୍ଷିକୀରେ ୭ ଦିବସ ବ୍ୟାପି,ଭାଗବତ କଥାମୃତ ପାଠ ଅନୁଷ୍ଠିତ



ଜଳେଶ୍ୱର,୩/୧୨ (ନି.ପ୍ର): ଦିବଂଗତ ପିତା ସୁରେନ୍ଦ୍ର ନାଥ ଦାସ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରେ ପରିବାର ପକ୍ଷରୁ ୬ ଦିବସ ବ୍ୟାପି ଭାଗବତ କଥାମୃତ ପାଠ ଉତ୍ସବ, ଭଜନ କୀର୍ତ୍ତନ ଓ ପ୍ରବଚନ ଆଦି ଆଧ୍ୟାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହେଉଅଛି।୨୭ ତାରିଖ ରୁ ୩ ତାରିଖ ପର୍ଯ୍ୟନ୍ତ ବୈଷ୍ଣବ ଧର୍ମାବଲମ୍ବୀ ପ୍ରମୁଖ,ପ୍ରତ୍ୟହ ପ୍ରଭାତରେ ମଙ୍ଗଳ ଆଳତୀ,ପ୍ରଭାତ ଫେରି, ସନ୍ଧ୍ୟା ରେ ଆରତୀ, ଭଜନ କୀର୍ତ୍ତନ,ପ୍ରବଚନ ଓ ସମବେତ ପ୍ରସାଦ ସେବନ କାର୍ଯ୍ୟ କ୍ରମ ହୋଇଆସୁଛି।ପ୍ରତ୍ୟେକ ଦିନ ଆଧ୍ୟାତ୍ମିକ ସନ୍ଧ୍ୟାରେ, ବୃନ୍ଦାବନ ରୁ ଆସିଥିବା ପ୍ରବଚକ ରମାକାନ୍ତ ଦାସ,ମାୟାପୁର ରୁ ହୃଷୀକେଶ ଦାସ ମହାରାଜ,ଏବଂ ଜଳେଶ୍ୱର ଇସ୍କନ ପକ୍ଷରୁ ହେମହରୀ ପଦ ଦାସ ବ୍ରହ୍ମଚାରୀ ପ୍ରମୁଖ, ଭାଗବତ ପଠନ,ଧର୍ମ ସଭା ଆଦି ଆଧ୍ୟାତ୍ମିକ କାର୍ଯ୍ୟ ଦ୍ୱାରା ଶ୍ରଦ୍ଧାଳୁ ଙ୍କୁ ଓ ପରିବେଶ କୁ ଭକ୍ତି ରସମୟ କରୁଛନ୍ତି। ଏହି ସମସ୍ତ କାର୍ଯ୍ୟ କ୍ରମକୁ ବିଶିଷ୍ଟ ବୈଷ୍ଣବ ଧର୍ମାବଲମ୍ବୀ ପୁତ୍ର, ତଥା କାଉନସିଲର ଚନ୍ଦନ କୁମାର ଦାସ ପରିଚାଳନା କରିବା ସହିତ, ସ୍ୱର୍ଗତ ପିତାଙ୍କ ଆତ୍ମା ସଦଗତି ନିମନ୍ତେ,ଅତିଥି ସ୍ୱାଗତ,ଆପ୍ୟାୟିତ ଓ ଧର୍ମାଦୀ କାର୍ଯ୍ୟରେ ନିମଗ୍ନ ହେଉଛନ୍ତି। ବୈଷ୍ଣବ,ନାରାୟଣ ଦତ୍ତ, ରାଧା ଶ୍ୟାମ ଦାସ, ମାନସ ପ୍ରଧାନ,ମୈମିତା ଦାସ, ସସ୍ମିତା ଦତ୍ତ ପ୍ରମୁଖ ସମସ୍ତ କାର୍ଯ୍ୟ କ୍ରମ କୁ ସହଯୋଗ କରିଆସୁଛନ୍ତି।ଆସନ୍ତା ୪ ତାରିଖ ରେ ଭାଗବତ କଥାମୃତ ପାଠ ଉତ୍ସବର ଉଦଯାପନୀ ସହିତ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ବଙ୍ଗଳା କୁ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ-ଆଳୁ ରପ୍ତାନୀ ରେ କିନ୍ତୁ କଟକଣା



ଜଳେଶ୍ୱର,୩/୧୨ (ନି.ପ୍ର): ଓଡ଼ିଶା-ପଶ୍ଚିମବଙ୍ଗ ପୋଡଶୀ ରାଜ୍ୟ ସହିତ ,୮୩ ଟି ଗାଁ ସୀମାନ୍ତ ରେ ଲାଗି ରହିଛି। ତେଣୁ ଦୁଇ ରାଜ୍ୟର ଅଧିବାସୀ ଙ୍କ ମଧ୍ୟରେ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପାରମ୍ପରିକ, ବୈବାହିକ ଓ ଭାଷାଗତ ସମ୍ପର୍କ ଆଦି ଅତି ନିବିଡ଼ ଭାବେ ରହିବା ସ୍ୱାଭାବିକ।ଏଭଳି ସୌହାର୍ଦ୍ଦ, ମୈତ୍ରୀ ମଧ୍ୟରେ ବିଭିନ୍ନ ସମୟରେ,ବାଲି ଉତ୍ତୋଳନ,ଆଳୁ ରପ୍ତାନି,ହାତୀ ପଲ ଙ୍କ ଗତିବିଧି,ଲଘୁ ଖଣିଜ ଦ୍ରବ୍ୟ ଚାଲାଣ,ଧାନ ଚାଲାଣ,ନାଳି ଇଟା, ମେଡାଲ ଚାଲାଣ ନେଇ ବିଭିନ୍ନ ସମୟରେ ଗୋଣ୍ଡ ଗୋଳ ଓ ବିବାଦୀୟ ପରିସ୍ଥିତ ଉପୁଜି ଥାଏ। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସାମଗ୍ରୀ ପରିବହନ କ୍ଷେତ୍ରରେ ଆଖିଦୃଶିଆ କଟକଣା ନଥିବା ବେଳେ, ପଶ୍ଚିମବଂଗ ସରକାର କିନ୍ତୁ, ରାଜନୈତିକ ଉଦ୍ଦେଶ୍ୟ ଓ ଭେଦ ଭାବ ରଖି ଅତ୍ୟାବଶ୍ୟକ ସାମଗ୍ରୀ ର ଚାଲାଣ ଉପରେ ବିଭିନ୍ନ ସମୟରେ କଟକଣା ଲଗାଇଥାନ୍ତି। ଫଳରେ ସୀମାନ୍ତ ଅଞ୍ଚଳରେ ଭାଇଚାରା ନେଇ ବସବାସ କରୁଥିବା ସାଧାରଣ ଜନତା ବିଶେଷ ଭାବେ ପ୍ରଭାବିତ ହୋଇଥାନ୍ତି। ଏମିତିକି କୋରନା ମହାମାରୀ ଘୋର କଟକଣା ସମୟରେ ସୀମାନ୍ତ ଅଞ୍ଚଳର ଅଧିବାସୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ। କିନ୍ତୁ ବାରମ୍ବାର ବଙ୍ଗଳା ସରକାର ଙ୍କ ଦ୍ୱାରା ମନମୁଖୀ କଟକଣା ଲଗାଇବା ଫଳରେ ଓଡ଼ିଶାର ଜନ ସାଧାରଣ ସୋସିଆଲ ମିଡିଆରେ ତିବ୍ର ପ୍ରତିକ୍ରିୟା ରଖୁଛନ୍ତି।ବିଗତ ସରକାର ଏନେଇ ବିଶେଷ ପଦକ୍ଷେପ ନେଉ ନଥିବା ବେଳେ,ନୂତନ ରାଜ୍ୟ ସରକାର ଆସିବା ପରେ ବହୁ ପୁରୁଣା, ଜଟିଳ ସମସ୍ୟା ସମାଧାନ ହେବ ବୋଲି ଲୋକେ ଆଶା ବାନ୍ଧିଛନ୍ତି। କିନ୍ତୁ ବେଆଇନ୍ ଭାବେ ବିଭିନ୍ନ ଖଣି ଖାଦାନ ରୁ,ପ୍ରତ୍ୟହ ଶହ ଡମ୍ଫର,ଟ୍ରାକ୍ଟର ରେ ବୋଝେଇ ଲଘୁ ଖଣିଜ ଦ୍ରବ୍ୟ ପଶ୍ଚିମବଂଗ ଅବାଧରେ ଚାଲାଣ ହେଉଛି। ବିଶେଷ କରି ପ୍ରତିଦିନ ରାତ୍ରରେ,ଭଦ୍ରକ ବାଲେଶ୍ୱର, ମୟୁରଭଞ୍ଜ ଅଞ୍ଚଳରୁ ମେଟାଲ୍, ବାଲି, ଦିଘା,କାନ୍ଥି, ଆଗ୍ରା ଅଞ୍ଚଳକୁ ଚାଲାଣ ହେଉଛି। ପଶ୍ଚିମବଙ୍ଗ ରେ ବାଲି ଉତ୍ତୋଳନ ଉପରେ କଡା ପ୍ରତିବନ୍ଧ ରହିଥିବା ବେଳେ, ସୁବର୍ଣ୍ଣରେଖା ରେଖା ନଦୀର ଉତ୍କୃଷ୍ଟ ଧରଣର ବାଲି ଚୋରା ଚାଲାଣରେ ବହୁଳ ରାଜସ୍ୱ ହାନି ହେଉଛି।୬୦ ନଂ ଜାତୀୟ ରାଜପଥ ରୁ ଆସି, ଜଳେଶ୍ୱର-ଚ଼ନ୍ଦନେଶ୍ୱର ୫୭ ନଂ ରାଜପଥ ରାସ୍ତାରେ ପଶ୍ଚିମବଂଗ କୁ ବ୍ୟାପକ ଲୁଘୁ ଖଣିଜ ଦ୍ରବ୍ୟ ଚାଲାଣ ହେଉଛି।ଏହି ଡମ୍ଫର ଗୁଡ଼ିକ ମଧ୍ୟରାତ୍ର ପରେ ଯାଉଥିବା ବେଳେ, ଆମ୍ବଳିଅଠା,ବାରା ଗଡିଆ ଛକ ଠାରେ କେତେକ ଯୁବ ଗୋଷ୍ଠୀ ସୁରକ୍ଷା ଦେଉଛନ୍ତି। ଏପରିକି ବହୁ ଧାନ ଖଟି ମାଲିକ,ଚାଷୀ ଙ୍କ ଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କ୍ରୟ କରି ପଶ୍ଚିମବଂଗ କୁ ଚାଲାଣ ମଧ୍ୟ କରୁଛନ୍ତି।ଗୋଧନ ଚାଲାଣ କଥା ନକହିଲେ ଭଲ , ଗୋରୁ ଗାଈ ଅବାଧ ଚାଲାଣ ହୋଇ ଓଡ଼ିଶା ରାଜ୍ୟରେ,ଗୋ ବଂଶ ଲୋପ ପାଇ ଗଲାଣି ।ଏହା ସହିତ ସୁବର୍ଣ୍ଣରେଖା ନଦୀ କୂଳେ କୂଳେ ନିର୍ମିତ, ଉନ୍ନତ ମାନର ନାଳି ଇଟା ବୋଝେଇ ଗାଡ଼ି ଚାଲାଣ ହେଉଛି। ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ଅବାଧରେ ଚାଲାଣ ହେଉଥିବା ସ୍ଥଳେ, ଆଳୁ ପାଇଁ ଓଡ଼ିଶା ସରକାର ବ୍ଲାକ ମେଲିଂ ହେବାକୁ ନେଇ ଲୋକେ ଆଲୋଚନା କରୁଛନ୍ତି।ଏହା ସ୍ୱତ୍ତେ ଓଡ଼ିଶା ପ୍ରଶାସନ ଓ ନେତୃତ୍ୱ ଙ୍କ ନିଦ ଭାଙ୍ଗୁ ନାହିଁ।କେବଳ କଗଜ କଲମ ଓ ପ୍ରେସ ବାର୍ତ୍ତା ଦେଇ ନଜର ଦାୟିତ୍ୱ ସାରୁ ଥିବା ଅଭିଯୋଗ ହେଉଛି। ବିଗତ ଦିନରେ ପଶ୍ଚିମବଂଗ ସରକାର ଙ୍କ ଏତାଦୃଶ ନୀତି ଯୋଗୁଁ, ତତ୍କାଳୀନ ରାଜ ନୈତିକ ନେତୃତ୍ୱ ସୀମାନ୍ତ ରେ ଜାତୀୟ ରାଜପଥ ଅବରୋଧ କରି ବଙ୍ଗ ସରକାର ଙ୍କୁ ଉଚିତ୍ ଜବାବ ଦେଇଥିଲେ। କିନ୍ତୁ ଓଡ଼ିଶା ର ସମସ୍ତ ଖଣିଜ ସମ୍ପଦ ଲୁଟ୍ ହୋଇ ଚାଲାଣ ହେଉଥିବା ବେଳେ, ସ୍ୱାଭିମାନ, ଅସ୍ମିତା ହରାଇ ସରକାର ଉପହାସିତ ହେଉଛନ୍ତି।

## ଡିସେମ୍ବର ୨୦ରୁ ବାରିପଦାରେ ମୟୂରଭଞ୍ଜ ପୁସ୍ତକମେଳା



ବାରିପଦା ତା ୩/୧୨/ ମୟୂରଭଞ୍ଜ ପୁସ୍ତକମେଳା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ବାରିପଦା ଜୁବୁଲି ପାର୍କ ପରିସରରେ ଆୟୋଜନ ହୋଇ ଆଗାମୀ ଡିସେମ୍ବର ୨୦ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପୀ ଚଳିତ ବର୍ଷ ପୁସ୍ତକ ମେଳା ଅନୁଷ୍ଠିତ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଏହି ମେଳା ବାରିପଦା ଛଉ ପଡିଆଠାରେ ଅନଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ନାମୀଦାମୀ ପୁସ୍ତକ ପ୍ରକାଶକ ଓ ବିକ୍ରେତା ମେଳାରେ ଭାଗନେବେ ଏବଂ ମେଳାରେ ପାଠ୍ୟୋପକରଣର, ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ବିପଣୀ ଏବଂ ନାନା ରକମର ଚଟପଟି ଓ ସୁମିଷ୍ଟ ଖାଦ୍ୟଷ୍ଟଲ ଖୋଲାଯିବ ବୋଲି ଅନୁଷ୍ଠାନର ସଂପାଦକ ଇଂ ମନୋଜ ଦଳବେହେରା ସୂଚନା ଦେଇଛନ୍ତି। ପୁସ୍ତକମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡ.ଶଶିଧର ବିଶ୍ୱାଳ, ସମରେନ୍ଦ୍ର ବଶା, ଅଜିତ କୁମାର କବାଟ , ଜୟନ୍ତ କୁମାର ଦ୍ୱାରୀ, ଶିଉଲାଲ ମହାନ୍ତ, ଶରତଚନ୍ଦ୍ର ନାୟକ, ପିତାମ୍ବର ମଲ୍ଲିକ , ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, କବି ବିଷ୍ଣୁ ଶତପଥୀ, କାବେରୀ ମିଶ୍ର, ଆମୋଦ ପ୍ରଧାନ, ଶୈଳେନ୍ଦ୍ର ଜ୍ୟୋତିଷୀ, କୃଷ୍ଣ କୁମାର ଖଣ୍ଡେଲୱାଲ, ରାଜଲକ୍ଷ୍ମୀ ତ୍ରିପାଠୀ, ବିନୋଦ କୁମାର ଦାସ, ବୀଣାପାଣି ପଣ୍ଡା, ଭଗବତୀ ଦାଶ, ଅଚ୍ୟୁତ ପ୍ରସାଦ ମହାପାତ୍ର, ଅଜୟ କୁମାର ପାଳ, ଗୋପାଳ ସାଓ, ସତୀଶ ବେହେରା, ଡ. ସୁଶାନ୍ତ ବଶା, ଶଙ୍କର ଜେନା, ବିରଜା ଦେବୀ, ପାର୍ବତୀ ବାରିକ, ଭାସ୍ୱତୀ ପଣ୍ଡା, ବିନୋଦ କୁମାର ଦାସ, ସୁସ୍ମିତା ଘୋଷାଲ, ସୁପ୍ରୀତି ଦଳବେହେରା, ହିମାଂଶୁ ଦାସ, ଆର୍ଯ୍ୟଭଟ୍ଟ ମହାନ୍ତି, ନରସିଂହ ବାରିକ, ଡ. ପ୍ରଦୀପ କୁମାର ଭୂୟାଁ, ବିଶ୍ୱେଶ୍ୱର ଦ୍ୱିବେଦୀ, ସ୍ୱପ୍ନ ଦଣ୍ଡପାଟ, ଦୀପକ ଦଣ୍ଡପାଟ, ପ୍ରଣତୀ ଦାସ, ପ୍ରିୟନାଥ ପାଣି, ଶିବଚରଣ ନାୟକ, ସୁଶାନ୍ତ ଗିରି, ଜ୍ୟୋତିର୍ମୟୀ କବାଟ, କମଳାଂଶୁ ତ୍ରିପାଠୀ, ମନୋଜ ଧଳ, ସତ୍ୟନାରାୟଣ କର ଓ ଜୟଶ୍ରୀ ଜେନା ପ୍ରମୁଖ ଭୋଗନେଇ ପୁସ୍ତକ ମେଳାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମୂଲ୍ୟବାନ ମତାମତମାନ ପ୍ରଦାନ କରିଥିଲେ।

## ଶାସକ ଦଳର ନେତାଙ୍କ ପ୍ରତିରୋଧ ପାଇଁ ମେଳି ବାନ୍ଧିଲେ କଂଗ୍ରେସ କର୍ମୀ

ନବରଙ୍ଗପୁର:( ୩/୧୨/୨୪)ଧରାକୋଟ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଶାସକ ଦଳର ନେତାଙ୍କ ଅଯଥା ହସ୍ତକ୍ଷେପ କରିବା ସହ ପ୍ରଶାସନିକ ଅଧିକାରୀଙ୍କୁ ବଦଳିର ଧମକ ଦେବାର ପ୍ରତିବାଦ କରିବା ପାଇଁ ଆଜି ବ୍ଲକ କାର୍ଯ୍ୟାଳୟ ରେ କଂଗ୍ରେସ ଦଳର ଆଗ ଧାଡ଼ିର ନେତା,ପଞ୍ଚାୟତ ପ୍ରତିନିଧି ଓ ଛାମୁଆ କର୍ମୀ ମାନେ ମେଳିବାନ୍ଧି ବି ଡି ଓ ଡେନିସ ବେହେରାଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଜି ବିଧାୟକ ରମେଶ ଚନ୍ଦ୍ର ଜେନା ଙ୍କ ସମର୍ଥିତ ଜାହାଡା ସରପଞ୍ଚ ସତ୍ୟବାଦୀ ସ୍ୱାଇଁ, ଗୋଲା ଦାମୋଦର ପଲି ସରପଞ୍ଚ କମଳ ଲୋଚନ ରେଡ୍ଡୀ, ରୁଗୁମୁ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ମୁଣ୍ଡମରାଇ ସମିତି ସଭ୍ୟ ମାନିନୀ ପାତ୍ର , ସିଙ୍ଗପୁର ସମିତି ସଭ୍ୟ ମମତା ଦାସ ଙ୍କ ସମେତ ପଞ୍ଚାୟତ ସ୍ତରର କଂଗ୍ରେସ ସଂଗଠକ ଶତ୍ରୁଘ୍ନ ଗୌଡ଼, ସୁନିଲଚୌଧୁରୀ, ସୁଧାକର ସ୍ୱାଇଁ, ବାସୁଦେବ ପାତ୍ର,ଶିବରାମ ବାଡତ୍ୟା,ଅନ୍ତର୍ଯ୍ୟାମୀ ପ୍ରଧାନ, ସୀମାଞ୍ଚଳ ରେଡ୍ଡୀ, ନିରଞ୍ଜନ ଛାଟୋଇ, ପାଣ୍ଡବ ଭୂୟାଁ, ସନ୍ତୋଷ ଭୂୟାଁ, ପ୍ରସନ୍ନ ପ୍ରଧାନ ଙ୍କ ସମେତ ଶତାଧିକ କର୍ମୀ ବି ଡି ଓ ଙ୍କୁ ସାକ୍ଷାତ କରି ବିଧାୟକ ଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସୁଚାରୁ ରୁପେ ପରିଚାଳନା କରିବା,ବିଭିନ୍ନ ସମୟରେ ସରକାରୀ ଦଳର ନେତାମାନେ ବ୍ଲକ ପ୍ରଶାସନ ଉପରେ କରୁଥିବା ଅଯଥା ଚାପ ପ୍ରୟୋଗ କୁ ପ୍ରତିହତ କରିବା, ଏପରିକି ଶାସକ ଦଳର କଥା ନାମାନିଲେ ଏଠାରୁ ଅନ୍ୟତ୍ର ବଦଳି କରିବା ପାଇଁ ଧମକ ଦେବା ଉପରେ ଗୁରୁତ୍ୱ ନଦେବା,ବ୍ଲକ ସ୍ତରର ନିର୍ବାଚିତ ସରପଞ୍ଚ,ସମିତି ସଭ୍ୟ,ଜିଲ୍ଲା ପରିଷଦ ସଭ୍ୟ,ବ୍ଲକ ଅଧ୍ୟକ୍ଷ,ଉପାଧ୍ୟକ୍ଷ , ବିଧାୟକ ଙ୍କ କଥାକୁ ପ୍ରାଧାନ୍ୟ ଦେଇ ନିରପେକ୍ଷ ଓ ସ୍ୱାଧିନ ଭାବେ କର୍ଯ୍ୟକରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଆଜିର ଏହି ଘଟଣା ପରେ ଆଗାମୀ ଦିନରେ ଶାସକ ଦଳ ଓ ବିଧାୟକ ଙ୍କ ସମର୍ଥକ ମୁହାମୁହିଁ ହେବାର ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଛି।

# ବାରିପଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

### ମୋଟ ୨୦୫ଟି ଅଭିଯୋଗ ମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ



ବାରିପଦା ତା ୦୩/୧୨ / ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲି ଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି. ଏହି ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଶିବିରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାଃ ବିଜୟ କୁମାର ଦାଶଙ୍କ ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୨୦୫ଟି ଅଭିଯୋଗ ର ଶୁଣାଣି ହୋଇଥିବା ବେଳେ, ୧୭୫ ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୨୩ ଗୋଟି ସାମୁହିକ ସମସ୍ୟା ଆଧାରିତ ଥିଲା। ସେଥିମଧ୍ୟରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୮୧୫୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ବିନାଶ ଦିଗର ଓ ଶ୍ରୀମତୀ କୁନି ନାଏକଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଅଶ୍ୱିନୀ କୁମାର ଘୋଷଙ୍କୁ ୨୬ହଜାର ଟଙ୍କ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

# ସଂପାଦକୀୟ

## ବଢୁଛି ଅଡୁଆ

ଜନତା ଦଳ (ୟୁନାଇଟେଡ୍) ନେତା ନୀତିଶ୍ କୁମାର ୨୦୧୫ ମସିହାରେ ବିହାର ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ । ଏଥିପାଇଁ ସେ ନିର୍ବାଚନ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରି ୨୦୧୬ ଏପ୍ରିଲ୍ ମାସରେ ସମଗ୍ର ରାଜ୍ୟରେ ମଦ ବିକ୍ରିକୁ ବନ୍ଦ କରିଥିଲେ । ତେବେ ବିହାର ସରକାରଙ୍କ ଏହି ପଦକ୍ଷେପ ନୈତିକତା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ମନେ ହେଉଥିଲେ ହେଁ ବାସ୍ତବ କ୍ଷେତ୍ରରେ ନୀତିଶ କୁମାରଙ୍କୁ ଅଡୁଆରେ ପକାଇ ଥିବାର ଲକ୍ଷ୍ୟ କରାଯାଉଛି । କାରଣ ରାଜ୍ୟରେ ଖୋଲାଖୋଲି ମଦ ବିକ୍ରି ବା ମଦ୍ୟପାନକୁ ନିଷେଧ କରାଯାଇଥିବାରୁ ଏହାର ଚୋରାବାର ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି । ନିଶାଦ୍ରବ୍ୟ କାରବାର ସହ ଜଡ଼ିତ ବ୍ୟକ୍ତି ଅନ୍ୟ ରାଜ୍ୟରୁ ଏହାକୁ ଚୋରାରେ ଆଣି ବିହାରରେ ବିକ୍ରି କରୁଛନ୍ତି । ମଦ ବିକ୍ରି ଉପରେ ରୋକ୍ ଲଗାଯିବା ଫଳରେ ସରକାରଙ୍କ ଅବକାରୀ ଆୟ ବନ୍ଦ ହୋଇଥିବାବେଳେ ଲୋକଙ୍କ ନିଶା ସେବନର ଅଭ୍ୟାସକୁ ରୋକାଯିବା ସମ୍ଭବ ହୋଇନାହିଁ । ସବୁଠାରୁ ବିପଜ୍ଜନକ ବିଷୟ ହେଉଛି, ରାଜ୍ୟରେ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ବିଷାକ୍ତ ମଦମୃତ୍ୟୁର ଅବାରିତ ଧାରା ଛୁଟିଥିବାର ଲକ୍ଷ୍ୟ କରାଯାଉଛି, ଯାହା ନୀତିଶ୍ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ୨୦୧୬ ମସିହା ପରେ ପ୍ରାୟ ପ୍ରତିବର୍ଷ ବିଷାକ୍ତ ମଦ ପିଇ ବହୁ ଲୋକ ଅକାଳରେ ପ୍ରାଣ ହରାଉଥିବା ଖବର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି । ଚଳିତ ସପ୍ତାହରେ ବିହାରର ସାରନ୍ ଜିଲ୍ଲା ଅନ୍ତର୍ଗତ ଛାପ୍ରାରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କ ମୃତ୍ୟୁ ଘଟିଥିବାର ଖବର ମିଳିଛି । ଅନେକ ଆହତ ଲୋକଙ୍କ ସ୍ୱାସ୍ଥ୍ୟର ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମିଳିଥିବା ସୂଚନା ଅନୁଯାୟୀ ସରକାରୀ କଟକଣା ସତ୍ତ୍ୱେ ସେହି ଅଞ୍ଚଳରେ ବିପୁଳ ପରିମାଣର ଦେଶୀ ମଦ ଚୋରାରେ ଆସି ପହଞ୍ଚିଥିଲା ଏବଂ ୫୦ରୁ ଅଧିକ ଲୋକ ପାଉଚ ପିଛା ୨୦ ଟଙ୍କା ଲେଖାଏଁ ଦେଇ ତାହାକୁ ପିଇଥିଲେ । ବିଷାକ୍ତ ମଦ ପିଇବା ମାତ୍ରେ ସେମାନେ ଶରୀରରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ ଓ ୫ଜଣଙ୍କର ସଙ୍ଗେ ସଙ୍ଗେ ମୃତ୍ୟୁ ଘଟିଥିଲା । ଅନ୍ୟମାନଙ୍କୁ ଡାକ୍ତରଖାନାକୁ ନିଆଯିବା ପରେ ଜଣଙ୍କ ପରେ ଜଣେ ପ୍ରାଣ ହରାଇଥିଲେ । ଚଳିତବର୍ଷ ମଦମୃତ୍ୟୁର ଏହା ପ୍ରଥମ ଘଟଣା ନୁହେଁ । ଗତ ଅଗଷ୍ଟ ମାସରେ ବିଷାକ୍ତ ମଦ ପିଇ ୧୧ଜଣ ପ୍ରାଣ ହରାଇଥିଲେ । ଯେଉଁ ବର୍ଷ ଆଇନ୍‌କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଗଲା ସେହିବର୍ଷ ୧୬ଜଣ ଲୋକ ବିଷାକ୍ତ ମଦ ପିଇ ଆଖି ବୁଜିଥିଲେ । ଯେପରି ମନେ ହେଉଛି ନୀତିଶ୍ ସରକାରଙ୍କ ମହତ୍ ଆଭିମୁଖ୍ୟକୁ ବିଷାକ୍ତ ମଦମୃତ୍ୟୁର ଗୋଟିଏ ପରେ ବିଭୀଷିକା ଉପହାସିତ କରୁଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତବର୍ଷ ଅର୍ଥାତ୍ ୨୦୨୧ ମସିହା ନଭେମ୍ବର ମାସରେ ବିହାରର ମୁଜାଫରପୁର ଅଞ୍ଚଳରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କର ମୃତ୍ୟୁ ଘଟିଥିଲା । ମାର୍ଚ୍ଚରେ ବାଙ୍କା ଓ ମାଧେପୁରାରେ ୩୨ଜଣ ଲୋକ ମଦ ପିଇ ପ୍ରାଣ ହରାଇଥିଲେ । କେବଳ ୨୦୨୧ରେ ସମୁଦାୟ ୬୬ଟି ମଦମୃତ୍ୟୁ ଘଟଣା ନୀତିଶ ସରକାରଙ୍କ ନିଶାନିବାରଣ ଆଇନ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି । ରାଜ୍ୟ ସରକାର ଚୋରା ମଦ ବିକ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଜର ପୁଲିସ ଓ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାର ଜରୁରି ଆବଶ୍ୟକତା ରହିଛି । ନଚେତ୍ ଏଭଳି ଅଧାପନ୍ତରିଆ ନୀତିଶ କୁମାରଙ୍କ ପାଇଁ ଯେ ବୁମେରାଂ ହେବ, ଏଥିରେ ସନ୍ଦେହ ନାହିଁ ।

## ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ

**ଉମାଶଙ୍କର ପ୍ରସାଦ**

ହିନ୍ଦୁଶାସ୍ତ୍ର ଅନୁସାରେ- ନିରାକାର ପୁରୁଷ ଯୋଗନିଦ୍ରାରେ ଅଭିଭୂତ ଥିବା ସମୟରେ ହଠାତ୍ ତାଙ୍କର ସୃଜନ ଚେତନା ଜାଗ୍ରତ ହେଲା ଓ ତାଙ୍କ ନାଭି କମଳରୁ ପଦ୍ମଟିଏ ଜାତ ହେଲା ଯେଉଁଥିରେ ବ୍ରହ୍ମାଙ୍କର ଆବିର୍ଭାବ ହେଲା । ସେହି ନିରାଧାର ପୁରୁଷଙ୍କ ଇଙ୍ଗିତରେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା ଏବଂ ବ୍ରହ୍ମା ଜୀବଜଗତ ସର୍ଜିଲେ । ଏହି ଜୀବ ଜଗତ ଓ ମନୁଷ୍ୟାଦିକୁ ପାଳନ ପାଇଁ ବିଷ୍ଣୁ ଏବଂ ଜଗତର ଅନାଚାର ତଥା ଦୁଷ୍ଟ ଶକ୍ତିର ସଂହାର ପାଇଁ ଶିବଙ୍କର ଆବିର୍ଭାବ ଘଟିଲା । ଏହି ତିନି ଦେବତାଙ୍କ ପରିକଳ୍ପନାରେ ସର୍ଜନ ସଙ୍କେତକୁ ଖୋଜା ଯାଇପାରେ । ଆମ ଭାରତୀୟ ପରମ୍ପରାରେ ଲେଖକ ଓ କବି ହେଉଛନ୍ତି କ୍ରାନ୍ତଦ୍ରଷ୍ଟା ପୁରୁଷ । ଋଗ୍‌ବେଦ କହେ କବିଟିଏ ହେଉଛି ଭୂୟୋଦ୍ରଷ୍ଟା ଋଷି । ସେ ସୃଜନସତ୍ତାରେ ଆଲୋକିତ ପୁରୁଷ । ସେ ଭୂମି ଓ ଭୂମାରେ ମୁଗ୍ଧ ସମର୍ପିତ ଆତ୍ମା । 'କବୃ' ଧାତୁରୁ ତ ପ୍ରତ୍ୟୟ ରୁ କବି ଶବ୍ଦ ନିଷ୍ପନ୍ନ । ଯେ ସୃଜନ ମନ୍ତ୍ରରେ ବିଭୋର ତଥା ବର୍ଣ୍ଣନା କାରୀ ସେ ତ କବି । ' ଅଗ୍ନିପୁରାଣ' କହେ "ଅପାର କାବ୍ୟସଂସାରେ କବିରେବ ପ୍ରଜାପତି" । ତେଣୁ କବି ଓ ଲେଖକମାନଙ୍କୁ କାଳେ କାଳେ ସ୍ରଷ୍ଟାର ଆସନରେ ଆସୀନ କରାଯାଇଛି । ଏଣୁ ପ୍ରତ୍ୟେକ ଲେଖକ ସୃଜନଶୀଳତାର ମନ୍ତ୍ରରେ ମନ୍ତ୍ରିତ ବ୍ୟକ୍ତିସତ୍ତା ଏହି ସୃଜନଶୀଳତାରେ ଲେଖକର ମା' ରୂପଟି ପ୍ରତିବିମ୍ବିତ ହେବା ସହ ସେ ଜଗତର ଜାଗ୍ରତ ପ୍ରହରୀ ଭାବେ ଉଦ୍‌ଭାସିତ ହୋଇଥାଏ । ପ୍ରତି ମଣିଷଠାରେ ସୃଜନଶୀଳତାର ନିତ୍ୟନିୟତ ଲୀଳା ଫୁଟିଉଠେ । ତେଣୁ ମଣିଷ ମାତ୍ରେ ସୃଜନଶୀଳ । ଯିଏ ସୃଜନଶୀଳ ତା'ର ଦାୟିତ୍ୱବୋଧ ରହିବା ସହ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ନିଜର କାର୍ଯ୍ୟଧାରାକୁ ସୁଚାରୁ ଭାବରେ କରି ଚାଲିଥାଏ ।

ସୃଷ୍ଟି, ସ୍ଥିତି ଏବଂ ବିନାଶ ହିଁ ସର୍ଜନଶୀଳତାର ନିୟତି । ଲେଖକ ବା କବିଟିର ମନୋରାଜ୍ୟରେ ସତତ ସର୍ଜନ, ପରିପାଳନ ଏବଂ ବିଲୟୀଭାବର ଚକ୍ର ଲାଗି ରହିଥାଏ । ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ ବି ମନୁଷ୍ୟର ମନୋରାଜ୍ୟରେ ତିନୋଟି ସ୍ତରର ପରିକଳ୍ପନା କରିଛନ୍ତି । ସେଗୁଡ଼ିକ ହେଲା ସଚେତନ (conscious), _âûKþùPZ^ (preconscious) ଏବଂ ଅବଚେତନ (ଙ୍କଭମକ୍ସଭ-ଶ୍ବମସକ୍ସଙ୍କଶ୍ବ) ସ୍ତର । ମଣିଷ ଚେତନାର ତଳାତଳ ଇଲାକାରେ ବିଭିନ୍ନ ଅନୁଭୂତି ସ୍ମୃତି ରୂପେ ସଞ୍ଚିତ ହୋଇ ରହିଥାଏ । ତାହା ସଞ୍ଚୟନ, ସଂରକ୍ଷଣ, ବିସ୍ମରଣ ଓ ପୁନଃ ଆବାହନ ପର୍ଯ୍ୟାୟରେ ବିଘଟିତ ହୋଇ ସୃଜନର ରୂପ ନେଇଥାଏ । ସେହି ସୃଜନଶୀଳତା କଳି ରୂପ ଧରି କବିକଳ୍ପ ବାମନ ମାନଙ୍କୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତୁଲ୍ୟ ତିନିପାଦ ଭୂମି ଯାଚିଦିଏ । ଫଳରେ ସୃଜନ ପାତ୍ର ଭରିଯାଏ । ସୃଜନଶୀଳତା ପ୍ରଜ୍ଞା, ପ୍ରତିଭା ଓ ପ୍ରଣୋଦନାର ଅପେକ୍ଷା ରଖେ । ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହୋଇ ପ୍ରତିଭା କୋଟିକୁ ଉନ୍ନିତ ହୁଏ । ସମୀକ୍ଷା ଶାସ୍ତ୍ରରେ ତ ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ । ଏହି ପ୍ରତିଭା ଯେତେବେଳେ ପ୍ରେରଣା ଭୂମିରେ ପାଦ ଥାପେ, ସେତେବେଳେ ହିଁ କବିତା ବା ସୃଜନଧର୍ମୀ ଲେଖାଟିଏ ଉଷା ପରି ଆସି ମନକୁ ରଙ୍ଗେଇ ଦିଏ । ବ୍ୟକ୍ତି ମଣିଷଟି କବି ବା ସର୍ଜନଶୀଳ ଲେଖକୀୟ ସତ୍ତା ବନିଯାଏ ।

ଖିଆଲି ମଣିଷ ହିଁ ଅଧିକ ସୃଜନଶୀଳ । ଚିରା ଚରିତ ଶଗଡ ଗୁଳାରେ ପାଦ ଦେଲେ ସୃଜନର ଦିଗନ୍ତ ଦିଶେନା । ପ୍ରଜ୍ଞା ତ ବିବେକବୋଧ ସଂଜାତ ଅବବୋଧ; ପ୍ରତିଭାତ ନୂଆ ନୂଆ ରୂପ ନେଇ ଉଦେ ହୁଏ । ପ୍ରଣୋଦନା ସୃଜନଶୀଳ ମନ ବା ଭାବଭୋଳା ଦୃଷ୍ଟିକୁ ଉଦ୍ରେକ କରୁଥିବା ସେହି ସାଧନ ମାତ୍ର । ଏହି କାରକ ତିନୋଟି ସର୍ଜନଶୀଳତାର ନିୟାମକ । ଏହି କାରକ ତ୍ରୟର ସମନ୍ୱୟରେ ବ୍ୟକ୍ତି ମଣିଷଟି କବି ମଣିଷରେ ରୂପାନ୍ତରିତ ହୋଇଯାଏ । ଆମେ ଆମ ପୁରାଣ କଳ୍ପ ବା ମିଥ୍‌ର ସର୍ଜନ, ପାଳନ ଓ ବିଲୟନ ଧାରାରେ ବ୍ରହ୍ମା, ବିଷ୍ଣୁ ଓ ଧ୍ୱଂସକାରୀ ରୁଦ୍ରର କାର୍ଯ୍ୟକାରିତାକୁ ଲକ୍ଷ କରିପାରିବା । ଲେଖାଟି ପ୍ରଥମେ ମଣିଷ ଚେତନାର ଅବଚେତନ ସ୍ତରରେ ରହିଥାଏ । ପରେ ଅର୍ଦ୍ଧଚେତନ ସ୍ତରକୁ ଆସି କୋଷା ବାନ୍ଧେ ଏବଂ ଚେତନ ସ୍ତରକୁ ଆସିଲେ ହିଁ ପ୍ରଜାପତି ପରି ଲେଖାଟି ଚହଟେ; ତାହା କବି ବା ଲେଖକର ଆଦରର ଧନ ପାଲଟିଯାଏ । ବିଦଗ୍ଧ ପାଠକେ ଲେଖାଟିକୁ ଅପଣେଇ ନିଅନ୍ତି । ସୃଜନଶୀଳତା ପାଇଁ ମା ମନଲୋଡ଼ା । ମା' ମନ ନଥିଲେ କେହି କସ୍ମିନ କାଳେ କବି ବା ଲେଖକ ହୋଇପାରେନା । ମା' ଗର୍ଭରେ ଯେପରି ଭ୍ରୂଣ ସଞ୍ଚାର ଘଟି ବିଭିନ୍ନ ପର୍ଯ୍ୟାୟ ଦେଇ ତାହା ସନ୍ତାନ ରୂପ ନେଇ ଜନ୍ମେ; ଲେଖାଟିବି ନାନା ପ୍ରତିଘାତ ନେଇ ଅକ୍ଷର ରୂପ ନିଏ । ଲେଖାଟି ଯେତେବେଳେ ଗର୍ଜନ ମୁଖର ହୁଏ ସେତେବେଳେ କିଛି ହଟ ଚମଟ ସୃଷ୍ଟି କରିଥାଏ ମାତ୍ର ପରେ ତାହା ତୃପ୍ତି ନଦେଇ ଅତୃପ୍ତିର କାରଣ ହୋଇଥାଏ । ମଣିଷ ମାତ୍ରକେ ସାମାଜିକ ଜୀବ । ସେ କର୍ମ କଷଣ ସହି ଦେଶ, ଜାତି, ସମାଜ ଏବଂ ସର୍ବୋପରି ଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରେ । ଏହା ପାରିବାରିକ ସ୍ତରରୁ ସାମାଜିକ ସ୍ତର ଯାଏ ପରିବ୍ୟାପ୍ତ ହୋଇଥାଏ । କବି, ଲେଖକ ସମେତ ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ । ଇଂରେଜ କବି ଶେଲି (ଚ.ଈ ୟଷରକ୍ଷକ୍ଷଚ) କହନ୍ତି- କବିମାନେ ଅମରତ୍ୱର ଶୁଶ୍ରୁଷାକାରୀ (ଘଙ୍କକ୍ସଶ୍ବସଭଶ କ୍ଟଲ ସଙ୍କଙ୍କକ୍ଟକ୍ସ-ଶ୍ବଦକ୍ଷସଶ୍ବଚ) ଏବଂ ଜଗତର ଅଣସ୍ୱୀକୃତ ବ୍ୟବସ୍ଥାପକ(ଶ୍ବଷର ଙ୍କଭବମଳଭକ୍ଟଙ୍ଗକ୍ଷ-ରୟଶରୟ କ୍ଷରଶସଶ୍ବକ୍ଷବଶ୍ବକ୍ଟକ୍ସଶ୍ବ କ୍ଟଲ ଶ୍ବଷର ଙ୍ଗକ୍ଟକ୍ସକ୍ଷୟ) । ସେହିମାନେ ହିଁ ପୃଥିବୀର ମଣିଷ ସହ ମଣିଷର ଆଳାପ ଆଲୋଚନାର ସେତୁ ପ୍ରସ୍ତୁତ କରନ୍ତି । ଉକ୍ତ କଥାକୁ Wordsworth ସ୍ୱୀକୃତି ଦେଇ କହନ୍ତି—The poet is a man speaking to other men, hence poetry is a mode of human communication. ମଣିଷ ହେଉଛି ମଣିଷର ପାରସ୍ପରିକ ଯୋଗା ଯୋଗର ଏକ ମାର୍ଗ ବିଶେଷ । ଯଦି ଲେଖକ ଓ କବି ସମାଜ ପ୍ରତି ସମର୍ପିତ ନହୁଏ ସେତେବେଳ ପର୍ଯ୍ୟନ୍ତ ଲେଖାର ମହକ ରହେନି ଓ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ପରିଗଣିତ ହୋଇନଥାଏ । ପ୍ରତ୍ୟେକ ସର୍ଜନ କାରି ଲେଖକ ହେଉ କି କବି ହେଉ ଅଲକ୍ଷିତ ଭାବରେ ଏକାନ୍ତ ଆଦର୍ଶକାମୀ ହେବାସହ ବଞ୍ଚି ବଞ୍ଚାଇବାର ରାହାଧରି ଚାଲିବା ଦରକାର ।

## ଛାଡ଼ କରାଯାଇଥିବା ୧୦ ଲକ୍ଷ କୋଟି କାହାର ?

**ଗୋପାଳ ମହାପାତ୍ର**

ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଆଧୁନିକ ପୁଞ୍ଜିବାଦୀ ବ୍ୟବସ୍ଥାର ଜୀବନ ଅଟେ । ଏହି କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥାଏ । କିନ୍ତୁ ବିଗତ କିଛି ବର୍ଷ ହେବ ଆମ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅଣ-ବିତ୍ତୀୟ (ଆର୍ଥିକ) କାରଣରୁ ଏଭଳି ପରିବର୍ତ୍ତନ ହୋଇଛି ଯାହା ଅର୍ଥବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପରିବର୍ତ୍ତେ ନିମ୍ନଗାମୀ କରିଛି । ସୂଚନା ଅଧିକାର ଆଇନ୍ ଅନୁସାରେ ମିଳିଥିବା ତଥ୍ୟ ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ଏନ୍‌ପିଏ (ନନ୍ ପରଫରମିଙ୍ଗ୍ ଅସେଟ୍) ନାମରେ କେତେକ ବ୍ୟାଙ୍କ ୧୦ ଲକ୍ଷ କୋଟି ଟଙ୍କା ଛାଡ କରିଦେଇଛନ୍ତି । ନନ୍ ପରଫରମିଙ୍ଗ୍ ଆସେଟ୍ ଏଭଳି ଋଣକୁ କୁହାଯାଏ । ଯେଉଁ ଋଣର ମୂଳଧନ ଏବଂ ସୁଧର ଅସୁଲି ଧାର୍ଯ୍ୟ ସମୟଠାରୁ ୩ ମାସ ଅବଧି ମଧ୍ୟରେ ହୋଇନଥାଏ । ଧାର୍ଯ୍ୟ ସମୟର ୩ ମାସ ମଧ୍ୟରେ ଅସୁଲ୍ ହୋଇ ନପାରିଲେ ବ୍ୟାଙ୍କ ସେହି ଋଣ (ମୂଳଧନ + ସୁଧ)କୁ ଏନ୍‌ପିଏ ଘୋଷିତ କରିଥାଏ । ଏପରିକି ଏହି ଘୋଷଣା ପେର ଏନ୍‌ପିଏ କେମିତି ଅସୁଲ ହେବ ସେ କଥା ଉପରେ ବ୍ୟାଙ୍କ ଗୁରୁତ୍ୱ ଦେଇନଥାଏ । କାରଣ ଏନପିଏ ଘୋଷିତ ଋଣ ପୁଞ୍ଜି ବ୍ୟାଙ୍କର ଆମଦାନୀ ହିସାବରୁ ବାହାରିଯାଏ ଏବଂ ବ୍ୟାଙ୍କକୁ ସେହି ପୁଞ୍ଜି ବା ଅର୍ଥ ଉପରୁ ଟିକସ ମୁକ୍ତ ହୋଇଯାଇଥାଏ । ଏହି ଏନପିଏ ବାବଦରେ ବ୍ୟାଙ୍କ୍ ଓ ସରକାର ବେଳେ ବେଳେ କହିଥାନ୍ତି ଯେ ଅସୁଲି ପାଇଁ ଉଦ୍ୟମ ଚାଲିଛି କିନ୍ତୁ ଏହା ଏକ ପ୍ରକାର ବ୍ୟାଙ୍କର ଉତ୍ତରଦାୟୀତ୍ୱରୁ ଊର୍ଦ୍ଧ୍ୱରେ ରହିଯାଏ । ତଥ୍ୟ ଅନୁସାରେ ବିଗତ ୮ ବର୍ଷ ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଏନିପିଏ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ଅସୁଲ ହୋଇପାରିଥିବା ବେଳେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛନ୍ତି । ଦେଶର ଇନ୍‌ସଲେଭନ୍ସି ଆଇନ୍ କାରଣରୁ ଋଣ ନେଇ ପୈଠ କରୁନଥିବା ଋଣଗ୍ରହୀତାମାନେ ସଙ୍କଟରେ ଥିଲେ କାରଣ ଥରେ ଋଣ ନେଇ ନ ଶୁଝିବା ବ୍ୟକ୍ତି ବା ସଂସ୍ଥାକୁ ଆଉ ବ୍ୟାଙ୍କରୁ ଋଣ ମିଳି ପାରିବ ନାହିଁ ବୋଲି ଏହି ଆଇନରେ ବ୍ୟବସ୍ଥା ଥିଲା । କିନ୍ତୁ କେନ୍ଦ୍ର ସରକାର ଏବେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଋଣ ଖିଲାପି କରୁଥିବା ଲୋକ ପୁନର୍ବାର ଋଣ ପାଇପାରିବେ । ଏତେ ଟଙ୍କା ଛାଡ ପରେ ମଧ୍ୟ ବ୍ୟାଙ୍କମାନେ ତାଙ୍କର ଲାଭ ହେଉଛି ବୋଲି ରିପୋର୍ଟରେ ଦର୍ଶାଇଛନ୍ତି ଓ ଶେୟାର ବଜାରରେ ସାର୍ବଜନିକ (ସରକାରୀ) ବ୍ୟାଙ୍କ ଗୁଡ଼ିକର ଶେୟାରର ମୂଲ୍ୟ ମଧ୍ୟ ବଢିଛି । କିନ୍ତୁ କେତେକ ଅର୍ଥ ଶାସ୍ତ୍ରୀମାନଙ୍କ ମତ ହେଉଛି ଏନିପିଏ ଛାଡ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି । ଘେରାଇ ବ୍ୟାଙ୍କ ଗୁଡ଼ିକର ପେଡ୍-ଇକ୍ୱିଟି ଅନୁପାତ ୫ ରୁ ୬ରେ ପହଞ୍ଚିବା ବେଳେ ସରକାରୀ ବ୍ୟାଙ୍କ ଗୁଡ଼ିକରେ ଶେୟାର ୧ ରୁ କମରେ ପହଞ୍ଚିଛି । କଥା କେବଳ ବଜାରରେ ସରକାରୀ ବ୍ୟାଙ୍କ ମାନଙ୍କର କମ୍ ମୂଲ୍ୟାଙ୍କନକୁ ନେଇ ନୁହେଁ । ବିଗତ ଦିନରେ ସରକାର କେତେକ ବ୍ୟାଙ୍କର ମିଶ୍ରଣ ନିଷ୍ପତ୍ତି ନେଇଛନ୍ତି । ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ମିଶ୍ରଣ ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ପ୍ରଭାବିତ କରିଥାଏ ବୋଲି ଅନେକଙ୍କ ମତ । ଅନ୍ୟପକ୍ଷରେ ବ୍ୟାଙ୍କମାନଙ୍କ କାନ୍ଧରୁ ଋଣ ଆଦାୟର ବୋଝକୁ କମାଇ ଦିଆଯାଇଛି । ଏଣୁ ଆଗକୁ ଏନପିଏ ବୋଝ କେତେ ହେବ ସେକଥା ଅନୁମାନ କରିବା କଷ୍ଟକର । ସରକାର ତାଙ୍କ ବଜେଟ୍ ଉପସ୍ଥାପନ ବେଳେ କହିଥିଲେ ଯେ ଚଳିତ ବର୍ଷର ରାଜକୋଷିୟ କ୍ଷତି ୧୬.୬୧ ଲକ୍ଷ କୋଟି । ଅର୍ଥାତ୍ ଗୋଟିଏ ଝଟକାରେ ବ୍ୟାଙ୍କମାନେ ଏହାର ଦୁଇ ତୃତୀୟାଂଶ ପାଖାପାଖି ଋଣକୁ ଛାଡ କରିଦେବାପରେ ବ୍ୟାଙ୍କମାନଙ୍କର ସମୁଦାୟ ଏନ୍‌ପିଏ ସେମାନଙ୍କ ଜମାର ୧୧.୨ ପ୍ରତିଶତରୁ ୫.୯ ପ୍ରତିଶତରେ ପହଞ୍ଚିଛି । କଂଗ୍ରେସ ଶାସନ ବେଳେ ଯେତେବେଳେ ବ୍ୟାଙ୍କମାନଙ୍କର ଏନ୍‌ପିଏ ୪ ପ୍ରତିଶତ ବା ତା'ଠାରୁ କିଛି ଅଧିକ ଥିଲା ସେତେବେଳେ ବର୍ତ୍ତମାନର ଶାସକ ଦଳର ନେତାମାନେ ତୁମ୍ବିତୋଫାନ୍ କରୁଥିଲେ । କିନ୍ତୁ ଏବେ ସେମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି । ଏନିପି ଛାଡ ପ୍ରସଙ୍ଗରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାର ଋଣ ନେଇଥିବା ଲୋକଙ୍କଠାରୁ କେମିତି ଅସୁଲ ହୋଇପାରିବ ସେ ବାବଦରେ ଶକ୍ତ ଆଇନ୍ ମଧ୍ୟ ପ୍ରଣୟନ କରୁନାହାଁନ୍ତି । ଋଣ ନେଇ ପରିଶୋଧ କରୁନଥିବା ବ୍ୟକ୍ତି ବା ସଂସ୍ଥାଙ୍କୁ ଋଣ ନ ଦେବା ପାଇଁ ମଧ୍ୟ ଆଇନ୍ ନାହିଁ । ଏଣୁ ଅଧିକ ଲୋକ ଋଣ ନେଇ ପରିଶୋଧ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । ଏଭଳି ଲୋକଙ୍କ ସଂଖ୍ୟା ୧୦ ବର୍ଷରେ ୧୦ ଗୁଣା ବଢିଛି । ବ୍ୟାଙ୍କରେ ଲୋକ ନିଜର କଷ୍ଟ ଉପାର୍ଜିତ ଅର୍ଥକୁ ଜମା ରଖିଥାନ୍ତି । ବ୍ୟାଙ୍କମାନେ ଏହି ଅର୍ଥକୁ ଋଣ ଦେଇଥାନ୍ତି ଓ ଋଣ ଆଦାୟ ନ ହେଲେ ଏହା ଏନପିଏ ଖାତାକୁ ଚାଲିଯାଏ । ପରେ ସରକାର ଏହାକୁ ଛାଡ କରିଦିଅନ୍ତି । ଏହାଦ୍ୱାରା ମାତ୍ର କିଛି ବ୍ୟକ୍ତିବିଶେଷ ଲାଭବାନ ହେଉଥିବା ବେଳେ ବ୍ୟାଙ୍କ ଓ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ । ଘେରାଇ ବ୍ୟାଙ୍କ ଗୁଡ଼ିକରେ ଏନ୍‌ପିଏ କମ୍ ଥିବା ବେଳେ ସରକାରୀ ବ୍ୟାଙ୍କରେ ଏହାର ମାତ୍ରା ଅଧିକ । ସରକାର ଯେଉଁ ଏନ୍‌ପିଏ ଛାଡ କରିଛନ୍ତି ସେ ସବୁ ଅର୍ଥ କାହାର ? ଲୋକଙ୍କ ଜମା ପୁଞ୍ଜି ନୁହେଁ କି ? ଭାରତର ଅଗ୍ରଣୀ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଗତ ୫ ବର୍ଷ ମଧ୍ୟରେ ୨୦୪୪୮ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ସେହିପରି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ୬୭୨୧୪ କୋଟି ବ୍ୟାଙ୍କ ଅଫ୍ ବରୋଦା ୬୬୭୧୧ କୋଟି ଟଙ୍କା ଏନ୍‌ପିଏ ଛାଡ କରିଛି । ଘେରାଇ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟ ୫୦୫୧୪ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ମୋଟାମୋଟି ୧୦୦୯୫୧୦ କୋଟି ଟଙ୍କାର ଏନ୍‌ପିଏ ଛାଡ ହୋଇଛି । ନେତା ବା ଜନତା କେହି କେବେ ପ୍ରଶ୍ନ କରିନାହାଁନ୍ତି ଯେ ଛାଡ କରାଯାଇଥିବା ଏହି ଅର୍ଥ କାହାର ଥିଲା । ପ୍ରଶ୍ନ ତ ଦୂରର କଥା ବ୍ୟାଙ୍କମାନଙ୍କୁ ଏହାର ଉତ୍ତରଦାୟୀରୁ ମଧ୍ୟ ମୁକ୍ତ କରାଯାଉଛି ।

## ପାଦର ସ୍ଥାନ

**ଅଜୟ କୁମାର ବେହେରା**

ବ୍ୟାଦ ପଦ୍ମ ଉପରେ ଅଛି ବୋଲି ପଦ୍ମପାଦ । ବାସ୍ନା ଘ୍ରାଣରେ ଜଣାପଡ଼ିଲେ ବାସ୍ନା କିନ୍ତୁ ଭିନ୍ନ ପ୍ରକାରରେ ଆସେ ଯାହା ଘ୍ରାଣରେ ନୁହଁ କର୍ଣ୍ଣ ଚକ୍ଷୁରେ ଜଣାପଡ଼େ ଓ ମୁଖରେ ପରିସ୍ଫୁଟ ବି ହୁଏ । ଜୟ ଜୟକାର ଏକ ଶୁଦ୍ଧ ବାସ୍ନା ଦୁର୍ନାମ ରଟନା ଏକ ଦୁର୍ଗନ୍ଧ ବାସ୍ନା । ଏହା ଘ୍ରାଣରେ ଆସେ ନାହିଁ । କାହାରି ସଭା ସମିତିରେ ପ୍ରଶଂସା ଏହା ଚକ୍ଷୁର ଗ୍ରାହ୍ୟ । ଭଗବାନଙ୍କର ଗୁଣଗାନ, ଭଜନ ଅର୍ଜନ କୀର୍ତ୍ତି ଜଣାଣ ଏହା ଭଗବାନର ବାସ୍ନା ମୁଖରେ ପ୍ରକଟ କରାଯାଉଛି । ଜଣାଣରେ ପ୍ରଭୁଙ୍କର କିଛି ଦୁର୍ଗୁଣ କୁହାଗଲେ ବି ଏହା ଅଭିମାନର ଭାଷା ପରୋକ୍ଷରେ ଅନ୍ୟକୁ ସେ ସାହାଯ୍ୟ କରିଥିଲା ବି ଜଣାଣ କର୍ତ୍ତାକୁ ସହାୟକ ହେଉନାହାଁନ୍ତି ।

ଗୋଡ଼ତଳେ ପଡ଼ିବା ଆମ ଧର୍ମର ଏକ ବିଶେଷ ସମ୍ମାନ ଦେବା କାର୍ଯ୍ୟ ତେବେ ଗୁରୁଜନଙ୍କୁ ବୟସ୍କଙ୍କୁ ଗୋଡ଼ତଳେ ପଡ଼ିବାକୁ ହୁଏ ଅନେକ ରାଗକ୍ରୋଧ ନିରୁପାୟରେ ଅଳ୍ପ ବୟସ୍କଙ୍କୁ ଗୋଡ଼ତଳେ ପଡୁଛି କହିଦିଅନ୍ତି ପଡ଼ିବି ଯାଆନ୍ତି ଏ ଦୁଇରେ ଭାବ ଅଲଗା ଅଲଗା । ଗୁରୁଜନ ଗୁରୁ ଯେ ସେମାନେ ତାଙ୍କର ପାଦ ସେପରି ଗୁରୁ ସ୍ଥାନ ଦେବସ୍ଥାନ, ବହୁ ବିଦ୍ୟାୟତନରେ କରିଥାନ୍ତି । ତାଙ୍କର ଗୁରୁପାଦ ସେବା ସେମାନେ କରିଥାନ୍ତି । ଯେ କେହି ବଡ଼ଲୋକ ହୋଇଥାନ୍ତୁ ପଛେ ରାଜମନ୍ତ୍ରୀ ହୋଇଥାନ୍ତୁ ତାଙ୍କୁ ଖାଲିପାଦରେ ସମସ୍ତଙ୍କ ପରି ଖାଲିପାଦରେ ଯିବାକୁ ହୁଏ । ପାହାଚ ଉଠାରୁ ସର୍ବୋଚ୍ଚ ଦିଅଁଙ୍କର ବଇଠି ସିଂହାସନ ଯାଏ ଖାଲି ପାଦରେ ଯିବା ଦ୍ୱାରା ପାଦର ସଙ୍ଗ ପ୍ରଭାବ ନଷ୍ଟ ହୁଏ । ମାଟିର ସଙ୍ଗ ପ୍ରଭାବ ଅଛି । ମାଟି ସଙ୍ଗପ୍ରଭାବ କାଟିବା ପାଇଁ ପାଦ ଶୁଦ୍ଧି, ପାଦ ଧୌତ, ଗୋମୟ ଜଳରେ କରାଯାଏ । ଦେବ ମନ୍ଦିରରୁ ଫେରନ୍ତାଙ୍କୁ ତାଙ୍କର ଗ୍ରାମ ଭୂମିର ଲୋକ ପୂର୍ବେ ପ୍ରଣାମ, ଦଣ୍ଡବତ କରୁଥିଲା । ସେ ବୟସରେ ବଡ଼ ହୁଅନ୍ତୁ ବା ସାନ ହୁଅନ୍ତୁ । ଶ୍ରୀକ୍ଷେତ୍ରକୁ ଲୋକ ଚାଲି ଚାଲି ଆଗେ ଆସୁଥିଲେ । ସେ ଗ୍ରାମକୁ ଫେରିଲେ ଦେବ ଦର୍ଶନ ପାଇଁ କଷ୍ଟ ସହ୍ୟ କରିଥିବା ଲୋକକୁ ଏକ ସମ୍ମାନ ଏପରି କରାଯାଉଥିଲା । ଏପରିକି ଦଣ୍ଡ ଭାଙ୍ଗି ଅନେକ ଦେବ ସ୍ଥାନକୁ ଯାଉଥିଲେ ସେମାନଙ୍କର ଆଣ୍ଠୁ କହୁଣୀ ଛିଡ଼ି ରକ୍ତ ବହିଲେ ବି ସେ ଦେବ ଦର୍ଶନ ପାଇଁ କଷ୍ଟକୁ ଖାତିରି କରୁନଥିଲେ । ସେ ଦେବ ସ୍ଥାନରେ ପହଞ୍ଚିବା ପୂର୍ବରୁ ଦେବ ସ୍ଥାନ ଲୋକ ଏପରିକି ସ୍ଥାନୀୟ ରାଜା ସେ ଭକ୍ତକୁ ଦୁଃଖରୁ ରକ୍ଷା ପାଇଁ ଉପାୟ ଚିନ୍ତା କରୁଥିଲେ । ଏକାଗ୍ରତା ପାଇଁ ବୁଦ୍ଧ ଦେବା ବହୁ ତପସ୍ୟା ଅନଟୀନ ଅନିଦ୍ରା ରହି ଶେଷରେ ସିଦ୍ଧି ଲାଭ କରି ପରମ ସତ୍ୟ ସନ୍ଧାନୀ ହୋଇଥିଲେ । ଗୌତମ ରାଜପୁତ୍ର ହୋଇ ଜନ୍ମ, ସୁନ୍ଦରୀ ରମଣୀର ସ୍ୱାମୀ, ସନ୍ତାନ ପ୍ରାପ୍ତ ତଥାପି ସତ୍ୟ ସନ୍ଧାନୀ ପାଇଁ ସେ କେତେସାଧନା କରିଥିଲେ । ଦେବ ସ୍ଥାନରେ ଅନେକ ଲୋକ କିଛି ସିଦ୍ଧିପ୍ରାପ୍ତି ପାଇଁ ଅଧା ପଡ଼ିଥାନ୍ତି । ଶାରଳାଦେବୀ ମନ୍ଦିରରେ ଯେଉଁମାନେ ଗାୟକ ହେବାକୁ ଆଶା କରନ୍ତି ସେମାନେ ଏପରି କରିବା ଶୁଣାଯାଏ ଓ ଏବେ ବି ଦେଖାଯାଉଛି । ଜଣେ ଗାୟକ ସଭାରେ ଶାସ୍ତ୍ରକୁ ନେଇ ବିଷୟବସ୍ତୁ ଅଳଙ୍କାର ଭରି ନିରବଛିନ୍ନ ଲୋକଙ୍କୁ ସବୁରସରେ ମୁଗ୍ଧ କରି ଗାୟନ କରିବା ବଡ଼ ସାଧନା । ସେ ସାରସ୍ୱତ ସାଧକ । ପ୍ରକୃତିରେ ଏମାନଙ୍କର ପାଦ ଦେବ ସ୍ଥାନ ସିଦ୍ଧିସ୍ଥାନରେ ପଡ଼ି ତନ ମନ ଜ୍ଞାନ ଶୁଦ୍ଧ ହୋଇଯାଉଥିଲା । ଗୁରୁଙ୍କର ପାଦ ସେବାରେ ଅପୂର୍ବ ଫଳ ଅଛି । ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ, ସେ ସମସ୍ତ ଗୁରୁଙ୍କୁ ପାଦ ପୂଜା ଅଧିକାର ଦେବା ଯେମିତି ଜଣା ପଡୁଛି ଭଗବାନ କୃଷ୍ଣ ଏକ ଗଧର ପାଦ ଧରିବା କୁହାଯାଏ । ଏ ହେଉଛି ଏକ ସତୀକୁ ହାସଲ ପାଇଁ ଏକ ଉଦାହରଣ । ଏବେ ବି ଲାଞ୍ଚ ଘୃଷ ପାଟିବା ଏଇ ଗଧ ପାଦ ଧରିବା କାମ । ଗଧ କେବଳ ପରିଶ୍ରମ କରେ ଗଣ୍ଡେ ଖାଏ । ହେଲେ ଅତ୍ୟଧିକ ମାଲିକ ପ୍ରେମୀ ପ୍ରେମୀ ଗଧ ଅନ୍ୟର କଥା ଶୁଣେ ନାହିଁ । ଗାଜର ଲାଉ ଗଧର ଥାଏ । ଏହି ଅର୍ଥ ମୋହ ଗଧକୁ ଗାଜର ପ୍ରୟୋଗ ପ୍ରକ୍ରିୟା ମାତ୍ର । ଫାଇଲ କାମ ସରକାରୀ ନିୟମ, କମ୍ପାନୀ ନିୟମ, ବ୍ୟାଙ୍କର ନିୟମ, ଜରିଆରେ ରୋକ ଲଗାଇବା ପୁଣି ଲାଞ୍ଚ ଘୋଷ ରିସ୍ତପତରେ ବହୁ ନମସ୍କାର ଗୋଡ଼ ଧରିବା ଦ୍ୱାରା ନିୟମ ଗୁଡ଼ିକରୁ ପୁଣି ଉପଧାରା ବାହାରିବ ହୋଇଯାଉଛି । ଲୋକ କି ମୂଲ୍ୟବାନ ପାଠ ପଢ଼ନ୍ତି, ଦେଶର ଜଣେ ଟିକସଦାତା ପ୍ରଜା ଏଇ ଟିକସରୁ କର୍ମଚାରୀ ଦରମା ପାଇଁ ଚଳୁଛି କିନ୍ତୁ ଗାଜର ପାଇଁ ଲୋଭରେ କାମ ପାଇଁ ତେଢ଼ା ନିୟମ ଲଗାଇ ଦେଉଛନ୍ତି । ଏହି ଗଧ ଥିଲା ଜରାସନ୍ଧର କର୍ମଚାରୀ । ଜରା ଅର୍ଥ ମୃତ୍ୟୁର ପୂର୍ବାବସ୍ଥା । ସନ୍ଧକୁ ସନ୍ଧିରେ ନେଲେ ଏପରି ଅବସ୍ଥାରେ ପାଞ୍ଚ ବର୍ଷ କାନୁନର କର୍ତ୍ତା ଏ ପାଞ୍ଚ ବର୍ଷ ଚାଲିଗଲେ ପୁଣି ନୂଆ କାନୁନ୍ । ନୂଆ ଜରାସନ୍ଧ ବି ଆସି ପାରନ୍ତି । ହେଲେ ଗଧର ପଦବୀ ଗର୍ବ ରହିଛି । ପଦବୀ ସେ ପ୍ରୟୋଗ ପାଇଁ ସଂସାର ସମ୍ମାନୀୟକୁ ତାର ପାଦ ଧରିବାକୁ ବାଧ୍ୟ କରିଥିଲା, ଏବେ ଏହାର ରୂପୀ ସବୁ ଦପ୍ତରରେ ଦେଖାଯାଉଛି । ଶ୍ରୀକୃଷ୍ଣ ପରିବାର ପାଇଁ ଜନ୍ମ ଦରକାର ଥିଲା । ଜରାସନ୍ଧ ନାଶ ଅର୍ଥାତ୍ କାନୁନର ଦିଗ ପରିବର୍ତ୍ତନ । ଏପାଇଁ ତା'ର ବିଶ୍ୱସ୍ତ କର୍ମଚାରୀକୁ ଯେନତେନ ଶୁକଦେବ, ବୟସରେ ସ୍ଥାନ କିଛି ବିଦ୍ୟାସିଦ୍ଧି ବଶୀ କରିବା ତାକୁ ରାଜା ପରୀକ୍ଷି ପ୍ରଣାମ କରି ଭାଗବତ ଶାସ୍ତ୍ର ସାତ ଦିନ ଶୁଣିଛନ୍ତି । ବିଦ୍ୟାସିଦ୍ଧଙ୍କୁ ପ୍ରଣାମ କରାଯାଏ । ରାଜାଙ୍କୁ ନିତ୍ୟ ଭାଟ ବନ୍ଦନା କରନ୍ତି । ଏବେ ଭୋଟ ବୃତ୍ତି ହେଉଛି ଦଳୀୟ ଲୋକେ । ରାଜାଙ୍କର ଜୟ ଜୟକାର କରୁଛନ୍ତି । ରାଜା ବୟସରେ ସାନ ହେଲେ ବି ବନ୍ଦନୀୟ । ରାଜଦ୍ୱାରା ପାଦ ରଖିଲେ ଦଫା ଅଛି । ଯୁଦ୍ଧ ବିଜୟୀ ବା ଯୁଦ୍ଧରେ ବୀରଗତି ପ୍ରାପ୍ତ ସୈନିକ ଦେଶରେ ସମସ୍ତଙ୍କର ସମ୍ମାନର ପାତ୍ର ତା' ପାଇଁ ତୋପ ସଲାମୀ ଦିଆଯାଏ । ପୂର୍ବେ ଗନ ସାଲୁଟ ଦେଶୀୟ ରାଜାମାନେ ଅନ୍ୟ ରାଜ୍ୟରେ ପାଉଥିଲେ । ଯୁଦ୍ଧରେ ଜୟୀ ହୋଇଥିବା ସେନାପତି ଅନ୍ୟ ଦେଶରେ ତୋପ ସଲାମୀ ପାଆନ୍ତି । କାରିଗିଲ ଯୁଦ୍ଧରେ ପାକିସ୍ଥାନ ହାରିଥିଲା । ତାଙ୍କର ସେନାପତି ମୁସାରଫଙ୍କୁ ଭାରତରେ ତୋପ ସଲାମୀ ପରିଭ୍ରମଣ କାଳରେ କରାଯାଇନଥିଲା । ଏ ପାଇଁ ତାଙ୍କ କ୍ଷୋଭ ଆସିଥିଲା । ପାକିସ୍ଥାନର ପଦାଧିକାରୀ ଭାରତରେ ସେ ସମ୍ମାନ କେମିତି ପାଇବେ ।

## 'ଧାରୟତି ଇତି ଧର୍ମ'

**କାଳି ଦାସ**

ଧର୍ମକୁ ନେଇ ଆମ ଦେଶରେ ଅନେକ ସମୟ ରେ ଅନେକ ପ୍ରକାର ବାଦ ବିବାଦ ଦେଖିବାକୁ ମିଳୁଛି ଧର୍ମ ଏବଂ ଧର୍ମନିରପେକ୍ଷତା ପରସ୍ପରର ବିପରୀତ ବୋଧକ ଶବ୍ଦ ନୁହନ୍ତି ବରଂ ପରସ୍ପର ପରସ୍ପର ର ପରିପୂରକ । ଧର୍ମ ର ବିପରୀତ ବୋଧକ ଶବ୍ଦ ହେଉଛି 'ଅଧର୍ମ' ।

ଭାରତରେ ଧର୍ମ ଏବଂ ଧର୍ମ ବିଶ୍ୱାସ ଅନେକ ଦିନରୁ ଚାଲିଛି । ଏଠି ବସବାସ କରୁଥିବା ଲୋକମାନେ ନିଜ କୁ ହିନ୍ଦୁ ବା ସନାତନ କହିଥାନ୍ତି । ଆମର ଧର୍ମ ଗ୍ରନ୍ଥରେ ହିନ୍ଦୁ ଶବ୍ଦ ଦେଖିବାକୁ ମିଳେନାହି । ଆମର କୌଣସି ଏକ ଧର୍ମ ଗୁରୁ ନାହାନ୍ତି । ଋଷିମାନେ ତପସ୍ୟା କରି ଯେଉଁ ଦିବ୍ୟ ଜ୍ଞାନ ପାଇଥିଲେ ତାକୁ ଏହି ଦେଶରେ ବିତରଣ କରିଥିଲେ । ପରବର୍ତ୍ତୀ କାଳରେ ମହାପ୍ରଭୁ ଜୈନ ଏବଂ ବୁଦ୍ଧ ଆମେ ଧ୍ୟାନରତ ଅବସ୍ଥାରେ ଦେଖିବାକୁ ପାଉ । ବୁଦ୍ଧ ଦେବ ଦିବ୍ୟଜ୍ଞାନ ପାଇଥିଲେ ବୋଲି ମଧ୍ୟ ଉଲ୍ଲେଖ ରହିଛି । ଆମର ଧର୍ମଗ୍ରନ୍ଥ ମଧ୍ୟ ଅନେକ ।

ଭାରତରେ ଆଠଟି ଦର୍ଶନ ମଧ୍ୟ ରହିଛି । ଏଠି ଈଶ୍ୱରଙ୍କ ଉପରେ ବିଶ୍ୱାସ ବା ଆସ୍ତିକ କୁ ଯେତିକି ସମ୍ମାନ ଦିଆଯାଇଛି ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରୁଥିବା ନାସ୍ତିକଙ୍କୁ ସେତିକି ସମ୍ମାନ କରାଯାଇଛି । ସ୍ୱାମୀ ବିବେକାନନ୍ଦ କହିଛନ୍ତି ଯେ ଅନ୍ଧବିଶ୍ୱାସି ଠାରୁ ନାସ୍ତିକ ଭଲ କାରଣ ଜଣେ ନାସ୍ତିକ ର କ୍ରମ ବିକାଶ ହେବା ସମ୍ଭାବନା ରହିଛି ଯାହା ଜଣେ ଅନ୍ଧବିଶ୍ୱାସ ର ନାହି ଏବଂ ନିରଶ୍ୱରବାଦ ରହିଛି । ଏଠାରେ ଅଦ୍ୱୈତବାଦ ଏବଂ ଦଇତ୍ୱବାଦ ଉଭୟ ଦେଖିବାକୁ ମିଳିଛି । ଏଠି ପ୍ରକୃତି ର ଉପାସନା ହୋଇଛି ।

ମଣିଷର ମଣିଷ ପଣିଆ କୁ ଗୁରୁତ୍ୱ ଦିଆଯାଇଛି । ଧର୍ମ ର ଅର୍ଥ ଏଇଠି ହେଲା 'ଧାରୟତି ଇତି ଧର୍ମ' ଏହାର ଅର୍ଥ ହେଲା ସେହି ପଦାର୍ଥ ଯାହା ଧାରଣ କରିଥାଏ ତାହା ହେଲା ସେହି ପଦାର୍ଥ ର ଧର୍ମ । ଯେମିତି ସୂର୍ଯ୍ୟଙ୍କ ଧର୍ମ ହେଲା ଆଲୋକ ଏବଂ ଉତ୍ତାପ । ବିନା ଆଲୋକ ଓ ବିନା ଉତ୍ତାପ ରେ ଆମେ ସୂର୍ଯ୍ୟଙ୍କୁ କଳ୍ପନା କରିପାରିବାନାହି । ସେହିପରି ଅଗ୍ନିର ଧର୍ମ ହେଲା ଦହନ । ଯେଉଁଠି ଦହନ ନାହି ସେଇଠି ଅଗ୍ନି ନାହି । ସେହିପରି ମଣିଷର ଗୋଟିଏ ଧର୍ମ । ମଣିଷ ମରୀଭୂମିରେ ଥାଉ କିମ୍ବା ବରଫ୍ ଦେଶରେ ଥାଉ ସିଏ ସେହି ଧର୍ମ କୁ ପାଳନ କରିବା କଥା ଯାହାକୁ ଦେଖି ଆମେ କହିପାରିବା ଯେ ସିଏ ମଣିଷପରି ମଣିଷଟିଏ । ମଣିଷର ଧର୍ମ ଯିଏ ପାଳନ କରିପାରିଲାନାହି ସିଏ ମଣିଷ ହେଲେ ମଧ୍ୟ ଅମଣିଷ । ଯେଉଁଠି ଧର୍ମ ନାରେ ରକ୍ତପାତ ହେଉଛି ବା ହତ୍ୟା ହେଉଛି ସେଇଠି ଧର୍ମ ନଥାଏ ଥାଏ ଅଧର୍ମ । ଭାରତରେ ବସବାସ କରୁଥିବା ଲୋକମାନେ ଧର୍ମନିରପେକ୍ଷତାକୁ ନିଜ ଆଚରଣରେ ମିଶାଇ ଦେଇଛନ୍ତି । ଯେତେ ବେଳେ ବୁଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ହେଲା ସେତେବେଳେ ଏଠାରେ ବସବାସ କରୁଥିବା ଲୋକମାନେ ବୁଦ୍ଧଙ୍କୁ ଭଗବାନଙ୍କ ଏକ ଅବତାର ରୂପେ ସ୍ୱୀକାର କଲେ ଏବଂ ବୁଦ୍ଧଙ୍କ ଉପାସନା କଲେ । ବୁଦ୍ଧ ଧର୍ମର ଯେତେବେଳେ ପ୍ରଚାର ହେଲା ସେତେବେଳେ କୌଣଶି ପ୍ରକାର ଅପ୍ରୀତିକର ଘଟଣା ସମାଜରେ ଘଟି ନଥିଲା । ରାଜ ଠାରୁ ରଙ୍କ ଯାଏ ସମ୍ରାଟ ଠାରୁ ଦାସ ଯାଏ ସମସ୍ତେ ବୁଦ୍ଧଙ୍କ ପଥ ରେ ଚାଲିବାକୁ ଆଗେଇ ଆସିଥିଲେ ।

ଧର୍ମନିରପେକ୍ଷତା ବୋଲି ଗୋଟିଏ ଶବ୍ଦ ଆମକୁ ପାଶ୍ଚାତ୍ୟ ଦେଶ ରୁ ମିଳିଛି । ପୂର୍ବ ରୁ ଚର୍ଚ୍ଚ ପାଶ୍ଚାତ୍ୟ ଦେଶ ଗୁଡିକର ରାଜନୀତି, ଅର୍ଥନୀତି, ଶିକ୍ଷା, ସଂସ୍କୃତି ସବୁଥିରେ ହସ୍ତକ୍ଷେପ କରୁଥିଲା । ପରବର୍ତ୍ତିକାଳରେ ଚର୍ଚ୍ଚ ର ହସ୍ତକ୍ଷେପକୁ ରୋକିବାପାଇଁ ସେକୁଲେରିଜମ ବା ଧର୍ମନିରପେକ୍ଷତାକୁ ସ୍ଥାନ ଦିଆଗଲା । ଏହାଦ୍ୱାରା ଅନ୍ୟ ଅନୁଷ୍ଠାନ ଗୁଡିକ ଚର୍ଚ୍ଚର ନିୟମରୁ ମୁକ୍ତ ହେଲେ । ଆମ ଦେଶର ସମ୍ବିଧାନରେ ଧାରା ୨୫ଠାରୁ ୨୮ ଭାରତୀୟ ନାଗରିକଙ୍କୁ ଧାର୍ମିକ ସ୍ୱତନ୍ତ୍ରତା ଦେଇଛି । ଭାରତୀୟ ସମ୍ବିଧାନର ଧାରା ୨୫, ଭାରତୀୟ ନାଗରିକଙ୍କୁ ନିଜର ବିଶ୍ୱାସକୁ ନେଇ ଉପାସନା କରିବାପାଇଁ ସ୍ୱାଧୀନତା ଦେଇଛି ଏବଂ ନିଜ ଶ୍ରଦ୍ଧାକୁ ନେଇ ଧର୍ମ ପାଳନ କରିବାର ସ୍ୱାଧୀନତା ଦେଇଛି । ଯଦି ନିଜ ଧର୍ମ ପାଳନ ସମୟରେ କିଏ ଯଦି ଅନ୍ୟର ସ୍ୱାଧୀନତାକୁ କିମ୍ବା ବିଶ୍ୱାସରେ ବାଧା ସୃଷ୍ଟି କରେ ତାହେଲେ ରାଜ୍ୟ ସରକାର ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ । ଧାରା ୨୬, ରେ ଏହା କୁହାଯାଇଛି ଯେ କୌଣସି ସଂପ୍ରଦାୟ ର ଲୋକ କିମ୍ବା ସଂଘଠନ ର ଲୋକ ସଂଘଠିତ ହୋଇ ନିଜ ଧର୍ମ ପାଳନ କରିପାରିବେ ଏଥିପାଇଁ ସେମାନଙ୍କ ସ୍ୱାଧୀନତା ରହିଛି । ସମ୍ବିଧାନର ଧାରା ୨୭ କୌଣସି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଧର୍ମ ସମ୍ବନ୍ଧିତ କୌଣସି କାର୍ଯ୍ୟ କରିବାପାଇଁ, ଯଦି ଦାନ ଏବଂ ଧନ ସଞ୍ଚୟ କରାଯାଏ ତାହେଲେ ସେହି ଧନ ଉପରେ ସରକାରଙ୍କୁ କର ଦେବାକୁ ପଡିବ ନାହି । ଭାରତୀୟ ସମ୍ବିଧାନ ର ଧାରା ୨୮ ରେ ଏହା ଉଲ୍ଲେଖ ଅଛି ଯେ ରାଜ୍ୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷା ଅନୁଷ୍ଠାନରେ କୌଣସି ଧର୍ମର ଶିକ୍ଷା ଦିଆଯିବନାହି । ଆମର ସମ୍ବିଧାନର ଏହି ଧାରା ଗୁଡିକ ଭାରତୀୟ ସଂସ୍କୃତି ର ଧର୍ମନିରପେକ୍ଷ ବିଚାର ଧାରା କୁ ପ୍ରକାଶ କରାଇ ଥାଏ ।

ଆମ ସମ୍ବିଧାନ ରେ "ଧର୍ମନିରପେକ୍ଷ" ବୋଲି ଗୋଟିଏ ଶବ୍ଦ କେବେହେଲେ ନଥିଲା । ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ଆମ ର ପ୍ରିୟମ୍ୱଲରେ ସ୍ଥାନ ଦିଆଗଲା । ସେହି ସମୟର ବୁଦ୍ଧିଜୀବୀମାନେ ଏହି ସଂଶୋଧନକୁ ବିରୋଧ କରିଥିଲେ । ଭାରତୀୟ ସଙ୍କୃତି ରେ ପୂଜା ଓ ଉପାସନା ଜଣଙ୍କର ବ୍ୟକ୍ତିଗତ ବିଚାର ଏଇଠି କବିସୂର୍ଯ୍ୟ ବଳଦେବ ରଥ ଜଗନ୍ନାଥଙ୍କୁ "ସର୍ପ କହି" ଗାଳି ଦେଇ ପାରନ୍ତି । ସର୍ପ ଜଣାଣ ଲୋକପ୍ରିୟ ହୋଇଛି । ଶ୍ରୀବସ୍ତ ବ୍ରାହ୍ମଣ ବିଷ୍ଣୁଙ୍କ ଛାତି ଉପରେ ପାଦ ରଖେ ଏବଂ ବିଷ୍ଣୁ ଆଦାରରେ ସେହି ପାଦ ଚିହ୍ନ କୁ ନିଜ ବକ୍ଷ ରେ ସ୍ଥାନ ଦିଅନ୍ତି । ଏମିତି ଅନେକ ଘଟଣା ବା ଦୃଷ୍ଟାନ୍ତ ଦେଖିବା କୁ ମିଳିଛି । ଭାରତୀୟ ସଂସ୍କୃତି ରେ ଭକ୍ତ ଓ ଭଗବାନଙ୍କ ସମ୍ବନ୍ଧ ସବୁଠାରୁ ନିଆରା । ଏଇଠି ଦେବତ୍ୱ ଭକ୍ତ ର ଭାବ ରେ ବନ୍ଧା । ଭଗବତ ଗୀତା ରେ ଭଗବାନ କହିଛନ୍ତି ଯୋ ମେ ଭକ୍ତ ସମେପ୍ରିୟ ।

# ଅଧିକ ଚିନ୍ତାଗ୍ରସ୍ତ ଭାରତୀୟ ମହିଳା



ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଆସିଛି। ଲୋକଙ୍କ ଚାପ, କ୍ରୋଧ ଓ ଚିନ୍ତାର ସ୍ତର ବଢ଼ିଚାଲିଛି। ଏବେ ଲୋକେ ପୂର୍ବାପେକ୍ଷା ଅଧିକ ଉଦାସ ଓ ଦୁଃଖୀ ରହୁଛନ୍ତି। ପୁରୁଷଙ୍କ ଅପେକ୍ଷା ମହିଳା ବେଶି ଏହାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପରିବର୍ତ୍ତିତ ମାନସିକ ସ୍ଥିତି ଜାଣିବା ଓ ସେମାନଙ୍କ ଭାବନାକୁ ବୁଝିବା ପାଇଁ ଗ୍ୟାଲପ୍ ୱାର୍ଲଡ ପୋଲ୍ ୨୦୧୨ରୁ ୨୦୨୧ ମସିହା ପର୍ଯ୍ୟନ୍ତ ୧୫୦ ଦେଶର ୧୨ ଲକ୍ଷ ଲୋକଙ୍କ ଉପରେ ସର୍ଭେ କରିଥିଲା। ଏଥିରୁ ଜଣାପଡ଼ିଲା, ୧୦ ବର୍ଷ ତଳେ ମହିଳା-ପୁରୁଷଙ୍କ କ୍ରୋଧ ଓ ଚାପ ସ୍ତର ସମାନ ଥିଲା। କିନ୍ତୁ ଗତ ୧୦ ବର୍ଷରୁ ମହିଳାଙ୍କ ଚାପ ଅଧିକ ବଢ଼ିଛି। ସେମାନେ ଏବେ ଅଧିକ କ୍ରୋଧାନ୍ୱିତ ହେଉଛନ୍ତି। ତଥ୍ୟ ଅନୁସାରେ, ବିଶ୍ୱରେ ମହିଳାଙ୍କ କ୍ରୋଧ ସ୍ତର ପୁରୁଷଙ୍କଠାରୁ ୬ ପ୍ରତିଶତ ଅଧିକ। ଭାରତ ଓ ପାକିସ୍ତାନର ମହିଳାଙ୍କ ଚାପ ଓ କ୍ରୋଧର ସ୍ତର ବିଶ୍ୱଠାରୁ ଦୁଇଗୁଣ। ଅର୍ଥାତ ୧୨ ପ୍ରତିଶତ। ଭାରତରେ ପୁରୁଷଙ୍କ କ୍ରୋଧ ସ୍ତର ୨୭.୮ ପ୍ରତିଶତ। ମହିଳାଙ୍କଠାରେ ଏହି ସ୍ତର ୪୦.୬ ପ୍ରତିଶତ। କରୋନା ମହାମାରୀର ଦୁଇ ବର୍ଷ ମଧ୍ୟରେ ଏହି ସ୍ତର ଅଧିକ ବଢ଼ିଛି । ମନୋବୈଜ୍ଞାନିକ ଡା. ଲକ୍ଷ୍ମୀ ବିଜୟ କୁମାର ବିଶ୍ୱରେ ମହିଳାଙ୍କର ବଢୁଥିବା ଚାପ ଓ କ୍ରୋଧର କାରଣ ବିଷୟରେ କହିଛନ୍ତି, ବିଶ୍ୱର ତମାମ ଦେଶରେ ମହିଳା ପୂର୍ବାପେକ୍ଷା ଅଧିକ ଶିକ୍ଷିତ ହୋଇଛନ୍ତି । ଚାକିରି କରିବା ସହ ଆତ୍ମନିର୍ଭରତାକୁ ନେଇ ଆତ୍ମବିଶ୍ୱାସ ଆସିଛି। ବାହାରେ ସମାନତା ବିଷୟରେ ଚର୍ଚ୍ଚା ହେଉଥିବାବେଳେ ଘରେ କିନ୍ତୁ ପୁରୁଷକୈନ୍ଦ୍ରିକ ବ୍ୟବସ୍ଥା ଏବେ ବି ରହିଛି । ଏହି ଅସନ୍ତୁଳନ ମଧ୍ୟରେ ଘାଣ୍ଟି ହେଉଥିବା ମହିଳା ଏବେ ସ୍ୱର ଉଠାଇ ନିଜ କ୍ରୋଧ ଜାହିର କରୁଛନ୍ତି । ଗତ ଦଶନ୍ଧି ଭିତରେ ମହିଳା ନିଜର ଭାବନା ବ୍ୟକ୍ତ ପାଇଁ ଆଗକୁ ଆସୁଛନ୍ତି । କିନ୍ତୁ କାମ ଅପେକ୍ଷା ବେତନ କମ୍ ? ମିଳୁଛି ଓ ସେମାନଙ୍କଠାରୁ ଅଧିକ ଆଶା କରାଯାଉଛି । ଏଥିପାଇଁ ସେମାନଙ୍କର କ୍ରୋଧ ବଢୁଛି ।

# ହାତରେ ବାରକୋଡ୍‌ର ଟାଟୁ



ଅନେକ ଲୋକ ଟାଟୁ କରିବା ପାଇଁ ପସନ୍ଦ କରିଥାଆନ୍ତି। କିଏ ଫୁଲର ଟାଟୁ ଆଙ୍କିଥାଏ ତ କିଏ ଭଗବାନଙ୍କର ବିଭିନ୍ନ ପ୍ରତିଛବିର ତ ଆଉ କିଏ ନିଜର ବାପା-ମା'ଙ୍କ ଦସ୍ତଖତର। ନିକଟରେ ଜଣେ ବ୍ୟକ୍ତି ବାରକୋଡର ଟାଟୁ ଆଙ୍କିଥିବା ଦେଖିବାକୁ ମିଳୁଛି। ତେବେ ଫଟୋ ଦେଖି ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇ ପାରେ କି ଏମିତି ଟାଟୁ ବ୍ୟକ୍ତି ଜଣକ କାହିଁକି କରାଇଛନ୍ତି। କାରଣ ବାରକୋଡ ପ୍ରଡକ୍ଟ କିମ୍ବା ଟଙ୍କା ସ୍କାନ କରିବା ପାଇଁ ହୋଇଥାଏ। ଏଭଳି କ୍ଷେତ୍ରରେ କୌଣସି ବ୍ୟକ୍ତି ତାଙ୍କ ଶରୀରରେ ବାରକୋଡ ଟାଟୁ କରିବା ଘଟଣା ଆଶ୍ଚର୍ଯ୍ୟ କରି ଦେଉଛି। ଦେଖିବାକୁ ଗଲେ ଲୋକେ ଟଙ୍କା ବଦଳରେ ଅନଲାଇନ ପେମେଣ୍ଟ କରିବାକୁ ପସନ୍ଦ କରିଥାଆନ୍ତି। ଅଧିକାଂଶ ଲୋକ କାର୍ଡ କିମ୍ବା ଟ୍ରାନଜାକସନ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। ଯାହାକୁ ଭାରତରେ ବିଶେଷ ଭାବେ ୟୁପିଆଇ ପେମେଣ୍ଟ କୁହାଯାଇଥାଏ। ଆପଣ ଆପଣଙ୍କ ଫୋନରେ ଏକ କୋଡ ସ୍କାନ କରିଥାଆନ୍ତି, ଆଉ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। କିନ୍ତୁ ନିକଟରେ ଏମିତି ଏକ ଘଟଣା ଘଟିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ତାଇବାନର ଜଣେ ବ୍ୟକ୍ତି ଏମିତି ଏକ ଆଶ୍ଚର୍ଯ୍ୟଜନକ କାମ କରିଛନ୍ତି। ସେ ଅନଲାନ ପେମେଣ୍ଟ କରିବା ପାଇଁ ହାତରେ ଏକ ବାରକୋଡ ଟାଟୁ ଆଙ୍କିଛନ୍ତି। କାରଣ ପ୍ରତିଥର ସେ ଫୋନ ବାହାର କରିବାକୁ ଆଳସ୍ୟ କରିଥାଆନ୍ତି। ବାରମ୍ବାର ଫୋନ ବାହାର କରି ପେମେଣ୍ଟ କରିବା ତାଙ୍କୁ ପସନ୍ଦ ନଥିବାରୁ ସେ ଏପରି ହାତରେ ବାରକୋଡର ଟାଟୁ ଆଙ୍କିଛନ୍ତି। ଏବେ ଯେତେବେଳେ ତାଙ୍କୁ କେ ?ଣସି ବ୍ୟକ୍ତି ପେମେଣ୍ଟ କରିବାକୁ ଚାହାନ୍ତି, ସେ ତାଙ୍କ ହାତକୁ ଦେଖାଇ ଦିଅନ୍ତି। ଆଉ ଲୋକେ ତାଙ୍କୁ ଯେତିକି ଟଙ୍କା ଦେବା କଥା ସେତିକି ଦେଇ ପେମେଣ୍ଟ କରି ଦେଇଥାଆନ୍ତି।

# ଏବେ ସାଉଥ୍ ଉପରେ ଅଧିକ ଧ୍ୟାନ : ରକୁଲ

ରକୁଲ ପ୍ରୀତ ସିଂହଙ୍କ ହାତରେ ଏବେ ଏକାଧିକ ସାଉଥ୍ ପ୍ରୋଜେକ୍ଟ। ସାଉଥରେ ଏକାଧିକ ହିଟ୍ ଫିଲ୍ମରେ ନଜର ଆସିଥିବା ଏହି ସୁନ୍ଦରୀ ୨୦୧୪ ମସିହାରେ ବଲିଉଡ୍‌ରେ ଏଣ୍ଟ୍ରି କରିବା ପରଠୁ ହିନ୍ଦୀ ଇଣ୍ଡଷ୍ଟ୍ରିରେ ବାନ୍ଧିହୋଇ ରହିଛନ୍ତି। ଏଠି ମଧ୍ୟ ଏକାଧିକ ହିଟ୍ ଫିଲ୍ମ ଦେଇ ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛନ୍ତି। 'ଏୟାରି', 'ଦେ ଦେ ପ୍ୟାର୍ ଦେ', 'ମରଜାୱାଁ' ଭଳି ସଫଳ ଫିଲ୍ମରେ କାମ କରିବାର ସୁଯୋଗ ତାଙ୍କୁ ମିଳିଛି। ନିକଟରେ ମୁକ୍ତିପ୍ରାପ୍ତ 'ଡକ୍ଟର୍ ଜି' ଫିଲ୍ମ ଜରିଆରେ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି ରକୁଲ। ଏ ବର୍ଷ ରକୁଲ ପ୍ରାୟ ୫ଟି ବଲିଉଡ୍ ଫିଲ୍ମରେ ନଜର ଆସିଛନ୍ତି । କିନ୍ତୁ ସାଉଥ୍‌ରେ ତାଙ୍କର କୌଣସି ଫିଲ୍ମ ଏ ବର୍ଷ ରିଲିଜ୍ ହୋଇନାହିଁ। ତେବେ କିଛି ଫିଲ୍ମର ସୁଟିଂ ସେ କରିଛନ୍ତି ଏବଂ ସେଗୁଡ଼ିକର ମୁକ୍ତିଲାଭକୁ ଅପେକ୍ଷା କରିଛନ୍ତି । ଏବେ ଯାହା ଜଣାପଡୁଛି, ରକୁଲ ଅଧିକ ସାଉଥ୍ ଫିଲ୍ମ ସାଇନ୍ କରିବାକୁ ଚାହୁଁଛନ୍ତି। ଏ ବିଷୟରେ ସେ କହିଛନ୍ତି 'ମୁମ୍ବାଇ ଆସିବା ପରଠୁ ଅଧିକ ସାଉଥ୍ ପ୍ରୋଜେକ୍ଟ ମୁଁ ସାଇନ୍ କରିପାରି ନାହିଁ। ଏକାଧିକ ହିନ୍ଦୀ ଫିଲ୍ମରେ କାମ କରି ମୁଁ ବହୁତ ଥକିପଡ଼ିଛି। ଏବେ କେବଳ ମୋ ହାତରେ ତାମିଲ ଫିଲ୍ମ 'ଇଣ୍ଡିଆନ୍-୨' ଏବଂ ଏଲ୍ ବିଜୟଙ୍କ ନିର୍ଦ୍ଦେଶିତ ଆଉ ଏକ ଫିଲ୍ମ ରହିଛି, ଯାହାର ସୁଟିଂ ଶେଷ ହୋଇଛି। ଏଣିକି କିନ୍ତୁ ସାଉଥ୍ ଉପରେ ମୋର ବେଶି ଫୋକସ୍ ରହିବ।' ସାଉଥ୍‌ରେ ଭଲ ପ୍ରୋଜେକ୍ଟ ଆସିଲେ, ନିଶ୍ଚିତ ଭାବେ ସେ ସାଇନ୍ କରିବେ। ସମୟ ଅଭାବରୁ ସାଉଥ୍ ଫିଲ୍ମକୁ ସମୟ ଦେଇପାରିନଥିବା ରକୁଲ ଏବେ ତେଲୁଗୁ ଓ ତାମିଲରେ ନିଜ ଲୋକପ୍ରିୟତାକୁ ଖୁବ୍ ଝୁରୁଛନ୍ତି। ଖୁବ୍‌ଶୀଘ୍ର ଫିଲ୍ମ ଜରିଆରେ ଲୋକଙ୍କ ଭଲପାଇବା ପାଇବାକୁ ସେ ଆଶା ରଖିଛନ୍ତି।



# ଚିନ୍ତାରେ ରଣବୀର

ବଲିଉଡ୍‌ର ସବୁଠୁ ସୁନ୍ଦର ଯୋଡ଼ି ମଧ୍ୟରୁ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଅନ୍ୟତମ। ନିକଟରେ ଦୁହେଁ ପିତାମାତା ହୋଇଛନ୍ତି। ଯାହା ଏକ ମାସ ହୋଇଗଲାଣି। ଗତ ନଭେମ୍ବର ୬ ରେ ଆଲିଆ ଭଟ୍ଟ ଏକ ଝିଅକୁ ଜନ୍ମ ଦେଇଥିଲେ। ଏହି ସମୟରେ ଉଭୟ ଦମ୍ପତ୍ତି ଅଧିକାଂଶ ସମୟ ଝିଅ ରାହା କପୁରଙ୍କ ସହ ଅତିବାହିତ କରୁଛନ୍ତି। ପିତା ହେବା ପରେ ରଣବୀର କପୁର ବହୁତ ଖୁସି ଅଛନ୍ତି। କିନ୍ତୁ ସେ ଗୋଟିଏ କଥା ବିଷୟରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରେଡ ସି ିଲ୍ମ ଫେଷ୍ଟିଭାଲ୍‌ରେ ଏହା ପ୍ରକାଶ କରିଛନ୍ତି। ନିକଟରେ ରଣବୀର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପାର୍ଟିରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଚଳଚ୍ଚିତ୍ର, ପିତାମାତା ଏବଂ ଅନ୍ୟାନ୍ୟ ବିଷୟ ବିଷୟରେ କହିଥିଲେ। ଯେତେବେଳେ ରଣବୀରଙ୍କୁ ପଚରାଯାଇଥିଲା ପିତା ହେବା ପରେ ତାଙ୍କ ଜୀବନରେ କ'ଣ ପରିବର୍ତ୍ତନ ହୋଇଛି ସେ କହିଥିଲେ, 'ମୁଁ ଭାବୁଛି ମୁଁ କାହିଁକି ଏତେ ସମୟ ନେଇଥିଲି ମୋର ସବୁଠୁ ବଡ ଅସୁରକ୍ଷିତତା ହେଉଛି ଯେତେବେଳେ ମୋ ଝିଅକୁ ୨୦ ବା ୨୧ ହେବ, ସେତେବେଳେ ମୋତେ ୬୦ ବର୍ଷ ହୋଇ ଯାଇଥିବ। କ'ଣ ମୁଁ ସେମାନଙ୍କ ସହିତ 'ୁଟବଲ ଖେଳିପାରିବି, ନା ମୁଁ ସେମାନଙ୍କ ସହିତ ଦୌଡ଼ିପାରିବି। ଏହା ମୋର ବହୁତ ବଡ ଇନ୍‌ସିକ୍ୟୁରିଟି। ରଣବୀର କହିଛନ୍ତି ନିଶ୍ଚିତ ଭାବରେ ଏକ ଭିନ୍ନ ପ୍ରକାରର ଅଭିଜ୍ଞତା, ଯାହା ସେ ଏପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଆଲିଆ ଭଟ୍ଟ ଏବଂ ରଣବୀର କପୁର ପ୍ରାୟ ୫ ବର୍ଷ ପରସ୍ପରକୁ ଡେଟ କରିବା ପରେ ଚଳିତ ବର୍ଷ ଏପ୍ରିଲ ୨୦୨୨ରେ ବିବାହ କରିଥିଲେ। ଏହି ଦମ୍ପତ୍ତି ସେମାନଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବିବାହ କରିଥିଲେ। ସେମାନଙ୍କ ବିବାହର 'ଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ବିବାହର ୨ ମାସ ପରେ ଆଲିଆ ମା' ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ଏକ ପୋଷ୍ଟ ଜଣାଇଥିଲେ।



# ୩୧ବର୍ଷ ହେବ ମାନସିକ ବିକୃତଙ୍କୁ ସାହାଯ୍ୟ କରୁଛନ୍ତି ସଞ୍ଜୟ

ସେବାରୁ ପ୍ରକୃତ ଆନନ୍ଦ ମିଳେ। ସେବା ଦ୍ୱାରା ଅନ୍ୟ ମାନଙ୍କୁ ଖୁସି କରିବାର କଳା ସମସ୍ତଙ୍କ ପାଖରେ ନଥାଏ। କିନ୍ତୁ ମଧ୍ୟପ୍ରଦେଶ ଛତରପୁରର ୫୫ବର୍ଷୀୟ ଓକିଲ ସଞ୍ଜୟ ଶର୍ମା ସେବାର ପ୍ରକୃତ ମୂଲ୍ୟ ବୁଝନ୍ତି। ଏଥିପାଇଁ ସେ ଦୀର୍ଘ ୩୧ବର୍ଷ ହେବ ମାନସିକ ବିକୃତ ଏବଂ ରାସ୍ତା କଡରେ ବୁଲୁଥିବା ଭିକାରୀଙ୍କର ସାହାଯ୍ୟ କରୁଛନ୍ତି। ସହରରେ ଯଦି କେହି ମାନସିକ ବିକୃତ ଲୋକ ଅସୁବିଧାରେ ପଡେ ଲୋକେ ଡାକ୍ତର କିମ୍ବା ପୋଲିସ୍‌ଙ୍କୁ ଜଣାଇବା ବଦଳରେ ସଞ୍ଜୟଙ୍କୁ ଫୋନ୍ କରନ୍ତି। ତେବେ ସଞ୍ଜୟଙ୍କର ଗରିବ, ଭିକାରୀ ଏବଂ ମାନସିକ ବିକୃତ ଲୋକଙ୍କୁ ଏମିତି ସାହାଯ୍ୟ କରିବା ପଛରେ ରହିଛନ୍ତି ତାଙ୍କ ଜେଜେ ମାଆ। ସଞ୍ଜୟଙ୍କୁ ପିଲାଦିନୁ ତାଙ୍କ ଜେଜେ ମାଆ ରାସ୍ତା କଡରେ ବୁଲୁଥିବା ମାନସିକ ବିକୃତ ଲୋକଙ୍କୁ ସାହାଯ୍ୟର ଆବଶ୍ୟକ ବୋଲି କହୁଥିଲେ। ସେ କହୁଥିଲେ, ମାନସିକ ବିକୃତ ଏବଂ ଭିକାରୀ ମାନଙ୍କର ପରିସ୍ଥିତି ବୁଝିବା ଆମ କର୍ତ୍ତବ୍ୟ। ସମାଜ ସେମାନଙ୍କୁ ଘୃଣା ଆଖିରେ ଦେଖେ କିନ୍ତୁ ସେ ଟିକେ ଅଧିକ ଭଲ ପାଇବା ଏବଂ ସ୍ନେହ ପାଇବାର ହକ୍‌ଦାର। ତେଣୁ ଯେତେବେଳେ ସୁଯୋଗ ମିଳିବ ସେମାନଙ୍କୁ ସାହାଯ୍ୟ କରିବୁ। ସଞ୍ଜୟ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଗରିବ ଲୋକଙ୍କର ସାହାଯ୍ୟ କରିସାରିଲେଣି। କାହାକୁ ଖାଦ୍ୟ ତ କାହାକୁ ବାସ ଗୃହ ଯୋଗାଇ ସାରିଲେଣି ସଞ୍ଜୟ।



# ମହୁମାଛି ଧରାଳି



ମହୁମାଛି ଯାହାକୁ କାମୁଡିଛି ସେ ଜାଣିଛି ତାର ଯନ୍ତ୍ରଣା କିଭଳି । ସେଥିପାଇଁ ତ ମହୁଫେଣା ଭାଙ୍ଗିବାବେଳେ ଲୋକେ ସ୍ୱତନ୍ତ୍ର ସୁଟ୍ ପିନ୍ଧିବା ସହ ହାତରେ ଗ୍ଲୋଭ୍‌ସ ବି ଲଗାନ୍ତି । କିନ୍ତୁ ଆମେରିକା, ଟେକ୍ସାସ୍‌ରେ ରହୁଥିବା ଏରିକା ଥମ୍ପସନ୍ ନାମ୍ନୀ ମହିଳା ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ଖାଲି ହାତରେ ମହୁଫେଣା ଭାଙ୍ଗନ୍ତି । ଆଉ ଆଶ୍ଚର୍ଯ୍ୟର କଥା ମହୁମାଛି ତାଙ୍କୁ କାମୁଡ଼ନ୍ତି ନାହିଁ । ଏରିକା ମହୁମାଛି ପାଳନ କରନ୍ତି । ହଜାର ହଜାର ମହୁମାଛି ଥିବା ମହୁଫେଣାକୁ ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ବାହାର କରୁଥିବାର ଅନେକ ଫଟୋ ଓ ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯାଆନ୍ତି । ଲାଗେ ସତେ ଯେମିତି ମହୁମାଛିମାନେ ତାଙ୍କର ପୋଷା ମନିଯାଇଛନ୍ତି ।

# ଜୋନାଥନକୁ ପୂରିଲା ୧୯୦ ବର୍ଷ

ବିଶାଳ କଇଁଛ ଜୋନାଥନ ଦ ସେଶଲ୍ସକୁ ପୂରିଲା ୧୯୦ ବର୍ଷ। ନେପୋଲିୟନଙ୍କ ମୃତ୍ୟୁର କିଛି ଘଣ୍ଟା ପରେ ଜନ୍ମ ହୋଇଥିବା କଇଁଛ ଜୋନାଥନ୍ ଆଜିର ଦୁନିଆର ସବୁଠୁ ବୟସ୍କ ଜୀବିତ ପ୍ରାଣୀ। ଫ୍ରାନ୍ସିସି ସମ୍ରାଟ ନେପୋଲିୟନ ବୋନାପାର୍ଟଙ୍କ ପରାଜୟ ପରେ ଦକ୍ଷିଣ ଆଟଲାଣ୍ଟିକକୁ ଲାଗି ରହିଥିବା ହେଲେନାରେ ନିର୍ବାସିତ ଜୀବନ କାଟୁଥିଲେ। ଏହି ସମୟରେ ୧୮୨୧ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାର କିଛି ବର୍ଷ ପରେ ଜନ୍ମ ହୋଇଥିବା ଏକ ବିଶାଳ କଇଁଛ ଜୋନାଥନ ଏବେ ସେହି ଅଞ୍ଚଳରେ ହିଁ ୧୯୦ ତମ ଜନ୍ମ ଦିନ ପାଳନ କରୁଛି। କଇଁଛର ମୋଟା ଏବଂ ମଜଭୁତ ଚମଡାରୁ ଅନୁମାନ କରାଯାଉଛି ଯେ, ୧୮୩୨ ମସିହାରେ ସେ ଅଣ୍ଡାରୁ ବାହାରି ଥାଇପାରେ। ସେଶେଲ୍ସରୁ କଇଁଛଟିକୁ ଜନ୍ମର ପ୍ରାୟ ୫୦ ବର୍ଷ ପରେ ବ୍ରିଟେନର ବିହାର ଅଞ୍ଚଳକୁ ନିଆଯାଇଥିଲା। ଏବେ କଇଁଛଟିକୁ ପ୍ଲାଣ୍ଟେସନ ହାଉସରେ ରଖାଯାଉଛି। ପ୍ଲାଣ୍ଟେସନ ହାଉସ ସେଣ୍ଟ ହେଲେନାର ଗଭର୍ଣ୍ଣର ହାଉସ। କଇଁଛ ନାଁରେ ଏକ ବିଶେଷ ଡାକ ଟିକେଟ୍ ମଧ୍ୟ ଜାରି କରାଯାଇଥିଲା।



# ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ହେଲେ ପ୍ରମୋଦ ପଣ୍ଡା



ନିଶ୍ଚିନ୍ତକୋଇଲି, ୩/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ଅ□ଳର ସର୍ବ ପୁରାତନ ବ୍ୟବସାୟିକ ପେଣ୍ଠସ୍ଥଳ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘରେ ଗତ ସାର୍ବଜନୀନ ଦଶହରା ପୂଜାରେ ସାଂସ୍କୃତିକ ମନୋରଂଜନ କାର୍ଯ୍ୟକ୍ରମ ଓ ଭଷାଣୀ ଉତ୍ସବ କୁ ନେଇ ବ୍ୟବସାୟୀ ସଂଘରେ ସାମାନ୍ୟ ବିବାଦ ଉପୁଜିଥିଲା । ଫଳରେ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ । ତାଙ୍କର ଇସ୍ତଫା ପତ୍ରକୁ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଜରେ ଗ୍ରହଣ କରିନଥିଲେ । ଯାହାଦ୍ୱାରା ବିଗତ ଏକମାସରୁ ଉର୍ଦ୍ଧ୍ୱ ହେବ ସଂଘ ପରିଚାଳନାରେ ବ୍ୟାହତ ଉପୁଜିଥିଲା । ଏଭଳି ସ୍ଥିତିରେ ସଂଘର ଉପସଭାପତି ବଳରାମ ସାହୁଙ୍କ ପୌରହିତ୍ୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଶହ ଶହ ସଂଖ୍ୟାରେ ବ୍ୟବସାୟୀ ସମେତ ସଂଘର ସମସ୍ତ କର୍ମକର୍ତ୍ତା ମାନେ ଯୋଗ ଦେଇ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ପରେ ସଭାପତିଙ୍କ ଇସ୍ତଫା ପ୍ରତ୍ୟାହାର କରିବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଥିଲା । ଏହାପରେ ସଂଘର ସମସ୍ତ କର୍ମକର୍ତ୍ତା ଓ ବହୁ ବ୍ୟବସାୟୀ ସଭାପତି ଙ୍କ ବାସଭବନରେ ପହଞ୍ଚି ତାଙ୍କର ଇସ୍ତଫା ପ୍ରତ୍ୟାହାର କରି ପୁନଃ ସଭାପତି ଦାୟିତ୍ୱ ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ । ଏହା ପରେ ଶ୍ରୀ ପଣ୍ଡାଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ବଜାରରେ ବିକାଶମୂଳକ କାର୍ଯ୍ୟ କରିବା ସଂକ୍ରାନ୍ତରେ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ତାଙ୍କୁ ବଜାର ପରିକ୍ରମା କରାଇବା ସହ ବିଭିନ୍ନ ଦେବାଦେବୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ଏହି ଅବସରରେ ଶ୍ରୀ ପଣ୍ଡାଙ୍କୁ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ଭାବେ କାର୍ଯ୍ୟ ଭାର ଦିଆଯାଇଥିଲା । ଏହି ବୈଠକରେ ସଂଘର ସମ୍ପାଦକ ଜୀବନାନନ୍ଦ ଦାଶ,କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ,ଗୁରୁଚରଣ ନାୟକ,ଜ୍ୟୋତିରଂଜନ ସାହୁ,ବଂଶୀଧର ସାମଲ, ଗଗନବିହାରୀ ବରାଳ,କରୁଣାକର ସାହୁ,ରଂଜନ କୁମାର ଦାସ,ଦିଲ୍ଲୀପ କୁମାର ସାହୁ,ବିଶ୍ୱଜିତ୍ ରାଉତ,ଅଭିରାମ ସାହୁ,ମନମୋହନ ଓଝା, କୈଳାସ ସାହୁ ,ଅଜୟକିଶୋର ସ୍ୱାଇଁ,ହରେକୃଷ୍ଣ ରାଉତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସାଇବର ଠକ ଫୋନ୍ କରି ଲୁଟିନେଲେ ୨୫୧୪୫୬ ଟଙ୍କା

ନିମାପଡା ୩/୧୨ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ରୁ କେଦାରନାଥ ଜେନା ନାମକ ଜଣେ ବ୍ୟକ୍ତିଙ୍କୁ ସାଇବର ଠକ ଫୋନ୍ କରି ୨ ଲକ୍ଷ ୫୧ ହଜାର ୪୫୬ ଟଙ୍କା ଲୁଟିନେବା ସମ୍ପର୍କରେ ଅସ୍ତରଙ୍ଗ ଥାନାରେ ଏକ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି । ସୂଚନାନୁସାରେ ଅସ୍ତରଙ୍ଗ ପଞ୍ଚାୟତ ବସ୍ତଡିହ ମୌଜାର କେଦାରନାଥ ଜେନାଙ୍କର ଜିଓ ମୋବାଇଲ୍ ନଂ ୯୨୩୭୧୧୨୫୪୦ ଗତ ୨୧ ତାରିଖରେ ଅଟୋମେଟିକ୍ ବନ୍ଦହୋଇଯାଇଥିଲା । ୨୩ତାରିଖ ଦିନ ହଠାତ୍ କେହି ଜଣେ ତାଙ୍କୁ ଫୋନ୍ କରି କହିଲା ଯେ ତୁମର ଆଧାର ନମ୍ବର ବନ୍ଦହୋଇଯାଇଛି ଓ ଓଟିପି ଦେଲେ ତାହା ଆକ୍ଟିଭେଟ୍ କରିଦେବ। ବାରମ୍ବାର ଫୋନ୍ କରି ଓଟିପି ମାଗିବା ଓ ହିନ୍ଦୀରେ କଥାବାର୍ତ୍ତା




ହେଉଥିବା ଏହି ବ୍ୟକ୍ତି ଜଣକ ଓଡ଼ିଶାର ବୋଲି ପରିଚୟ ଦେଇଥିଲା । ଓଟିପି ନଦେଲେ ବ୍ୟବହାର କରୁଥିବା ମୋବାଇଲ୍ ସିମ୍ ଓ ଆଧାର ନମ୍ବର କାମ କରିବନି ବୋଲି କହିବାରେ କେଦାର ବାବୁ କାକଟପୁର ସ୍ଥିତ ଜିଓ ମୋବାଇଲ୍ ଅଫିସକୁ ଯାଇଥିଲେ । ସେଠାରେ ସିମ୍ ଆକ୍ଟିଭେସନ୍ କୁହନ୍ତେ ଆଧାର ନମ୍ବର କାମକରୁନଥିବା ବା ଲକ୍ ହୋଇଯିବ ଏଭଳି ଉତ୍ତର ମିଳିଥିଲା । ଫଳରେ ସେ ଅସ୍ତରଙ୍ଗ ଆଧାରକେନ୍ଦ୍ରରେ ଆଧାର ଅପଡେଟ୍ କରିନେଇଥିଲେ । ତାଙ୍କର ଘର କାମ ପାଇଁ ଅର୍ଥ ଆବଶ୍ୟକ ଦୃଷ୍ଟିକୋଣରୁ ୨୮ ନଭେମ୍ବରରେ ସେ କାକଟପୁର ଷ୍ଟେଟ୍ ବ୍ୟାଙ୍କ ଯାଇ ଟଙ୍କା ଉଠାଇବାକୁ ଉଦ୍ୟମ କରନ୍ତେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଆକାଉଣ୍ଟ ଖାଲିହୋଇଯାଇଛି । ତା ପରେ ସେହି କାକଟପୁର ସ୍ଥିତ ଏଚଡିଏଫ୍ସି ବ୍ୟାଙ୍କକୁ ଯାଇ ଅନ୍ୟ ଏକ ଆକାଉଣ୍ଟ ଯାଞ୍ଚ କରନ୍ତେ, ସେ ଆକାଉଣ୍ଟରୁ ମଧ୍ୟ ୨ ଲକ୍ଷ ୫୧ ହଜାର ୪୫୬ ଟଙ୍କା ଖାଲିହୋଇଯାଇଛି । ବ୍ୟାଙ୍କ ଶାଖା ପରିଚାଳକୁ ଭେଟି ଏ ବିଷୟରେ ଜଣାଇବାରେ ଏହା ଏକ ସାଇବର ଠକେଇ ଓ ଥାନାରେ ଅଭିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ତା ପରେ କୌଣସି ଉପାୟ ନପାଇ କେଦାର ଅସ୍ତରଙ୍ଗ ଥାନାରେ ଏ ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ପୁଲିସ୍ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ସୂଚନା ମିଳିଛି । ସବୁଠାରୁ ବଡ଼କଥା ହେଲା, ଓଟିପି ନଦେଲେ ମଧ୍ୟ ଠକ ଜଣକ କେବଳ କଥାବାର୍ତ୍ତା ହୋଇ ଉପିଆଇ ଜରିଆରେ ଆକାଉଣ୍ଟରୁ ଟଙ୍କା ଉଠାଇନେବା ଆଶ୍ଚର୍ଯ୍ୟ ଲାଗୁଛି ।

# ବସ ସ୍କୁଟି ମୁହାମୁହିଁ ଧକ୍କା ; ସ୍କୁଟି ଚାଳକ ଆହତ; ସ୍କୁଟି ଭାଙ୍ଗି ଚୁରମାର

ନିଶ୍ଚିନ୍ତକୋଇଲି,୩/୧୨ (ନି.ପ୍ର): ରାଜ୍ୟ ରାଜପଥ କଟକ ଚାନ୍ଦବାଲି ରାସ୍ତାର କୁଳିଆ ମେଳଣ ପଡ଼ିଆ ସନ୍ନିକଟରେ ସୋମବାର ଅପରାହ୍ନ ଏକ ଯାତ୍ରୀବାହୀ ବସ ସହ ଏହି ସ୍କୁଟିର ମୁହାମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ସ୍କୁଟି ଚାଳକ ଜଣକ ଗୁରୁତର ହୋଇ ଏବେ କଟକ ବଡ଼ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି । ସ୍କୁଟି ଚାଳକଙ୍କର ପ୍ରକୃତ ପରିଚୟ ମିଳିନଥିଲା ବେଳେ ସେ ନେମାଳ ଥାନା ଅ□ଳର ବୋଲି ସ୍କୁଟି ନମ୍ବରରୁ ଜଣାପଡ଼ିଛି । କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ରାଉତରାୟ ନାମକ ଯାତ୍ରୀବାହୀ ବସ ସାଲେପୁର ଅଭିମୁଖେ ଯାଉଥିବା ଏକ ସ୍କୁଟି ସହିତ ମୁହାମୁହିଁ ଧକ୍କା ହୋଇଥିଲା । ଏଥିରେ ସ୍କୁଟି ଚାଳକ ଜଣକ ଛିଟିକି ଯାଇ କିଛି ଦୂରରେ ପଡ଼ିଥିବା ବେଳେ ତାଙ୍କର ଆକ୍ଟିଭାଟି ବସ ତଳେ ରହିଯାଇଥିଲା । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ପାଇଁ ନେଇଥିଲା ବେଳେ ଅବସ୍ଥା ସଂଙ୍କଟାପନ୍ନ ଥିବାରୁ ଡ଼ାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ । ଖବର ପାଇ ଘଟଣା ସ୍ଥଳରେ ସାଲେପୁର ପୋଲିସ ପହ□ ଦୁଇଟି ଗାଡ଼ିକୁ ଜବତ କରିଥିବା ବେଳେ ଖବର ଲେଖା ହେଲା ପର୍ଯ୍ୟନ୍ତ ସ୍କୁଟି ଚାଳକର ପରିଚୟ ମିଳିପାରିନଥିବା ପୋଲିସ କହିଥିଲା ।

# ଓଡିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର : କେଉଁ ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି ଓ ଖ୍ରୀଷ୍ଟ ପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି ଓ ଏହାର ପରବର୍ତ୍ତୀ କାଳରେ ରଚିତ ଅଷ୍ଟାଙ୍ଗ ଆୟୁର୍ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଯେଉଁଥିରେ ମୁଖ୍ୟତ ବୃକ୍ଷଲତା ମାନଙ୍କର ସରଳ ପ୍ରୟୋଗ ତଥା ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତିର ବିଧି ବିଧାନ ସହିତ ରୋଗ ଚିକିତ୍ସାର ବର୍ଣ୍ଣନା ରହିଛି । ପ୍ରାଥମିକ ଉପଚାରରେ ପ୍ରୟୋଗ ହେବା ଭଳି ତଥା ଘରୋଇ ଚିକିତ୍ସା ଭାବରେ ବ୍ୟବହାର କରାଯିବା ଭଳି ପଞ୍ଚ କଷାୟ ଯେପରିକି ସ୍ୱରସ ବା ଓ ହିମ ବା ମକ୍କକ୍ଷୟ ସଭଲଙ୍କଶ୍ୱସକ୍କଭ ର ପ୍ରସ୍ତୁତି ପ୍ରଣାଳୀ ବିଷୟରେ କୁହାଯାଇଛି ଓ କେତକ ଔଷଧୀୟ ବୃକ୍ଷକୁ ଆମେ ଘରର ଅଗଣା ବା ବାଡ଼ି ବଗିଚା (ଳସଶ୍ୱମଷରଭ ଶବକ୍କୟରଭ )ରେ ମଧ୍ୟ ରୋପଣ କରାଯାଇ ପାରିବ ଯାହାକି ଦୈନିଦିନ ଭାବରେ ବା



ଅକସ୍ମାତ ଭାବରେ ଏହାକୁ ପ୍ରୟୋଗ କରାଯାଇପାରିବ । ଆମ ଆଖ ପାଖରେ ଥିବା ଅନେକ ଔଷଧୀୟ ବୃକ୍ଷର ସ୍ୱାସ୍ଥ୍ୟ ରକ୍ଷା ବା କେତକ ରୋଗ ପ୍ରତିଷେଧକ ନିମିତ୍ତ ଅନେକ ଉପଯୋଗୀତା ଗୁଣ ରହିଛି ଓ ଯେପରିକି ଥଣ୍ଡାର ଆରମ୍ଭ ଅବସ୍ଥାରେ ତୁଳସୀ ପତ୍ରର ରସ ସହ ମହୁ , ବାରମ୍ବାର ଥଣ୍ଡା ହେଉଥିଲେ ତୁଳସୀ ପତ୍ରର ରସ ସହ ଡାଳ ଚିନି ଓ ପିପ୍ପଳୀ ଉପଯୋଗ କରି ପ୍ରସ୍ତୁତ ଚା (herbal tea ), ଭେର୍ସୁଙ୍ଗା ପତ୍ରର ମଧୁମେହ ନାଶକ ଗୁଣ , ବେଲ ପତ୍ର ଓ ନିମ୍ବପତ୍ରର ମଧୁମେହ ପ୍ରତିଷେଧ ଓ ନିୟନ୍ତ୍ରଣ ରେ ଉପଯୋଗ , ଗଣ୍ଠିର ଫୁଲା,ବଥା,ବିନ୍ଧାରେ ବେଗୁନିଆ, କରଞ୍ଜ ,ଅର୍କ ପତ୍ରର ସେକ,ଅଣ୍ଟା ବଥା ଓ ଆମବାତରେ ପସା ରୁଣୀ ପତ୍ରର ରସ , ଏହିପରି ଅନେକ କିଛି ଓ କରୋନା ମହାମାରୀ ସମୟରେ ଗିଲୋୟ ବା ଗୁଡୁଚିର ପାଚନ ତଥା ଶୁଣ୍ଠୀ , ପିପ୍ପଳୀ,ଡାଲଚିନି , ଗୋଲମରିଚ ସହ ତୁଳସୀ ପତ୍ର ପ୍ରସ୍ତୁତ କାଢା ପ୍ରତିଷେଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ବୃକ୍ଷ ଲତାରୁ ପ୍ରସ୍ତୁତ ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ତଥା ଅନେକ ସମୟରେ କୁପ୍ରଭାବ ଯୁକ୍ତ ରାସାୟନିକ ଔଷଧ ସେବନରୁ ସୁରକ୍ଷା କରିଥାଏ ଓ ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକିଯେ ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ତଥା ଓଡିଶା ରାଜ୍ୟରେ ମଧ୍ୟ ଔଷଧୀୟ ବୃକ୍ଷ ଗୁଡିକ ଦ୍ରୁତ ଗତିରେ କମିବାରେ ବା ଲୋପ ପାଇବାରେ ଲାଗିଛି ଓ ଫଳରେ ଜନସାଧାରଣ ସେଗୁଡିକର ସହଜ ଚିହ୍ନଟ ତଥା ସାଧାରଣ ଉପଯୋଗ ବିଷୟରେ ଭୁଲିଯିବା ସହିତ ଔଷଧ ନିର୍ମାତା ମାନେ ଏହାର ନିମ୍ନ ମାନର ବିକଳ୍ପ ଦ୍ରବ୍ୟ ଉପଯୋଗ କରୁଛନ୍ତି କିମ୍ବା ଜମା ମିଶାଉ ନାହାନ୍ତି , ଫଳସ୍ୱରୂପ ଔଷଧରୁ ନିର୍ଦ୍ଦିଷ୍ଟ ସୁଫଳ ମିଳିପାରୁନାହିଁ । ପୂର୍ବକାଳରେ ଜନସଂଖ୍ୟା କମ ଥିଲା ଏବଂ ବୃକ୍ଷ ସମ୍ପଦ ଅଧିକ ଥିଲା ଓ ତଥାପି ଅଶୋକଙ୍କ ଶିଳାଲେଖରୁ ଜଣାଯାଏ ଯେ ସେ ସେହିସମୟରେ ପଥ ପ୍ରାନ୍ତରେ ବ୍ୟାପକ ଫଳ ଓ ଔଷଧୀୟ ବୃକ୍ଷର ରୋପଣ କରାଇଥିଲେ ଓ ବର୍ତ୍ତମାନର ଜନସଂଖ୍ୟାରେ ଅହେତୁକ ବୃଦ୍ଧି , ସହରୀକରଣ ତଥା ବ୍ୟାପକ ଶିଳ୍ପାୟନ ହେତୁ ପର୍ଯ୍ୟାବରଣ ଅସନ୍ତୁଳନ , ଜଳବାୟୁ ପରିବର୍ତ୍ତନ ହେତୁ ନୂଆ ନୂଆ ରୋଗର ପ୍ରାଦୁର୍ଭାବ ପରି ଅନେକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି ଓ ତେଣୁ ଜଙ୍ଗଲ ସୁରକ୍ଷା ସହିତ ବ୍ୟାପକ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ଓ ଅଶୋକ , ଗମ୍ଭାରୀ, ପାଟଳଓ, ଅର୍ଜୁନ ,ନିମ୍ବ , ବଉଳ , ହରିଡ଼ା, ଅଁଳା , ବାହାଡ଼ା,ଫଣଫଣା ପରି ବୃକ୍ଷ ସହ ଅଶ୍ୱଗନ୍ଧା , ପିପ୍ପଳୀ, ଶତାବରୀ ,ବ୍ରାହ୍ମି , ଭୃଙ୍ଗରାଜ ,ଗୁଡୁଚି ପରି ଗୁଳ୍ମ ଓ ଲତା ଗୁଡିକୁ ଘରୋଇ ପରିବେଶ ଯଥା ଗାଁ ତୋଟା , ରାସ୍ତାକଡ ,ନିବାସ ସ୍ଥଳୀର ବାଡ଼ି ବଗିଚା , ଶିକ୍ଷାନୁଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଖାଲିଥିବା ସ୍ଥାନରେ ବ୍ୟାପକ ରୋପଣ ସଙ୍ଗେ ସଙ୍ଗେ ଜନ ସଚେତନତା ସୃଷ୍ଟିକରି ଏ ଦିଗରେ ଉଚିତ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ଓ ଏହା ସହିତ ସମଗ୍ର ପୃଥିବୀରେ ଜୀବନଶୈଳୀ ଜନିତ ରୋଗ ଯେପରିକି ମେଦୋରୋଗ ,ମଧୁମେହ ଆଦି ଅଧିକ ବୃଦ୍ଧି ପାଇଛି ।

# ଓମ୍‌ଫେଡର ୧୧୩ତମ ପରିଚାଳନା ପରିଷଦ ବୈଠକ ଶେଷ

ଭୁବନେଶ୍ୱର ; ଆଜି ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟିଡେଟ୍ (ଓମ୍ଫେଡ୍)ର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓମ୍ଫେଡ୍ ଅଧ୍ୟକ୍ଷ ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଜେନେରାଲ ମ୍ୟାନେଜର (ଡାଏରୀ ଅପରେସନ) ସୌମେନ୍ଦ୍ର ଭୌମିକ, ଜେନେରାଲ ମ୍ୟାନେଜର (ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡକ୍ଟର ଜୟକୃଷ୍ଣ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ ବୋର୍ଡର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ବୋର୍ଡର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ଦିନରେ ଓମ୍ଫେଡକୁ କିପରି ଆଗେଇ ନେବା ସହ ଉତ୍ତମ ଗୁଣବତ୍ତା ବିଶିଷ୍ଟ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଉତ୍ପାଦ ମାର୍କେଟକୁ ଯାଇପାରିବ ସେ ସଂପର୍କରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ନିଜ ନିଜର ବହୁ ମୂଲ୍ୟ ମତାମତ ଦେବାକୁ ଅନୁରୋଧ କରିଥିଲେ । ଦୁଗ୍ଧ ସଂଗ୍ରହ ସହ ଉତ୍ପାଦ ବୃଦ୍ଧି କରିବା ଏବଂ ଓମ୍ଫେଡ ଉତ୍ପାଦନଗୁଡିକ କପରି ଲୋକଙ୍କ ପାଖରେ ପହଞ୍ଚି ପାରିବ, ସେ ସଂପର୍କରେ ମଧ୍ୟ ପରିଚାଳନା ନିର୍ଦ୍ଦେଶକ ଆଲୋକପାତ କରିଥିଲେ । ଓମ୍ଫେଡର ଉତ୍ପାଦନ ବୃଦ୍ଧି କରିବା ସହ ଏହାର କଳେବରକୁ ବୃଦ୍ଧି



କରିବା ପାଇଁ କଣ କଣ ପଦକ୍ଷେପ ନିଆଯିବା ଦରକାର ସେ ନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଦୁଗ୍ଧ ସଂଗ୍ରହ ଓ ନୂତନ ଉତ୍ପାଦ ବୃଦ୍ଧି କରିବା ନେଇ ବୋର୍ଡର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ମତ ଉପସ୍ଥାପନ କରିଥିଲେ । ମୁଖ୍ୟତଃ ଗ୍ରାମାଞ୍ଚଳରେ କ୍ଷୀରଧାରା କେନ୍ଦ୍ରମାନ ଖୋଲିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ ଜଣାଇବା ସହ ଏହାକୁ ଆହୁରି ପରିବ୍ୟାପ୍ତ କରିବା ପାଇଁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା । ଓମ୍ଫେଡ୍ ଘିଅ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବାରୁ ଏହାକୁ ସମସ୍ତେ ସ୍ୱାଗତ ଜଣାଇଥିଲେ । ଆଗାମୀ ଦିନରେ ରାଜ୍ୟର ସମସ୍ତ ବଡ ବଡ ମନ୍ଦିରରେ କିପରି ଓମ୍ଫେଡ୍ ଘିଅ ଲାଗି ହୋଇପାରିବ, ସେ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇଥିବା ସଂପର୍କରେ ମଧ୍ୟ ପରିଚାଳନା ନିର୍ଦ୍ଦେଶକ ପରିଷଦକୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାକୁ ଗ୍ରାମାଞ୍ଚଳକୁ ବ୍ୟାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ । ଏଥିପାଇଁ ରାଜ୍ୟ ସରକାର ୬୫.୪୯ କୋଟି ଟଙ୍କା ମଂଜୁର କରିଥିବାରୁ ରାଜ୍ୟ ସରକାରଙ୍କୁ ସମସ୍ତେ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଓମ୍ଫେଡ ଗୁଣ୍ଡ ଦୁଗ୍ଧ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏ ସଂପର୍କରେ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବାକୁ ବୈଠକରେ ସ୍ଥିର ହୋଇଛି। ସେହି ପରି ଷ୍ଟେଟ ସେଣ୍ଟ୍ରାଲ ଲାବ୍ରୋଟାରୀ ମଧ୍ୟ ଅରିଲୋଠାରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୁଗ୍ଧ କାରଖାନାଠାରେ ପାଇପ ଦ୍ୱାରା ପ୍ରାକୃତିକ ଗ୍ୟାସ୍ ଯୋଗାଣ, ଅରିଲୋଠାରେ ଏକ ପାର୍ଲୋର ଖୋଲାଯିବାକୁ ଏହି ବୈଠକରେ ମଧ୍ୟ ନିଷ୍ପତ୍ତି ହୋଇଛି । ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପରିଚାଳନା ପରିଷଦର ସଂପାଦକ ଡକ୍ଟର ଜୟକୃଷ୍ଣ ପଟ୍ଟନାୟକ ।

## ମହାବିଦ୍ୟାଳୟ ନୂତନ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା

# ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା



ନିଶ୍ଚିନ୍ତକୋଇଲି,୩/୧୨ (ନି.ପ୍ର): କଟକ ଜିଲ୍ଲା ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଛି । ଗୃହ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସିମେ□, ସିମେ□ ଇଟା ବ୍ୟବହାର କରାଯାଉଥିବା ଅଭିଯୋଗ ହେବା ଖବର ପ୍ରକାଶିତ ହେବା ପରେ ସିମେ□ ଓ ଇଟା ବଦଳାଇ ଭଲ ସିମେ□ ଓ ଇଟାରେ କାର୍ଯ୍ୟ ହେଉଛି । ହେଲେ ଏବେ ଯେଉଁ ନିର୍ମାଣ କାର୍ଯ୍ୟ ଚାଲିଛି ସେଥିରେ ମଧ୍ୟ ଅନିୟମିତତା ହେଉଥିବା ନେଇ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଓ ଓଲଡ଼ ଆଲୁମିନି ସଦସ୍ୟ ହିମାଂଶୁ ଶେଖର ଦାସ, ପୂର୍ବତନ ଛାତ୍ର ସଂସଦ ସଭାପତି ବଳଦେବାନନ୍ଦ ଦାସ, ଗୋବିନ୍ଦ ଦାସ, ତୁଷାରକାନ୍ତ ସାମଲଙ୍କ ସମେତ ସୌରଭ ପୂଜାରୀ, ରାକେଶ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି । ଯେଉଁ ଢଳେଇ ଖୁଣ୍ଟି ନିର୍ମାଣ କରାଯାଉଛି । ୧/୨/୪ ଭାଗରେ କାର୍ଯ୍ୟ କରିବା କଥା ହେଲେ ୧/୬/୮ ଭାଗରେ ଢଳେଇ ଖୁଣ୍ଟ ନିର୍ମାଣ ହେଉଥିବା ଅଭିଯୋଗ ହେଉଛି । ଢଳେଇରେ ବ୍ୟବହୃତ ଗୋଡ଼ିର ସାଇଜ ମଧ୍ୟ ଠିକ ରହୁନଥିବା ବଡ଼ ବଡ଼ ଗୋଡ଼ିରେ ସିମେ□ ଖଣ୍ଡ ଢଳେଇ ପକାଯାଉଥିବା ଏବଂ ନିର୍ମାଣଧୀନ ଗୃହର ଭିତର ଅଂଶରେ ବାଲି ପକାଇ ପୋତିବା ବଦଳରେ ମାଟି ପକାଇ ପୋତା ଯାଉଥିବା ଅଭିଯୋଗ ହେଉଛି । କାମରେ ସୁଧାର ନଆସିଲେ ଆଗାମୀ ଦିନରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଓ ପୂର୍ବତନ ଛାତ୍ର ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ବିନା ପଲ୍ଲୀସଭାରେ ଟେଣ୍ଡରକୁ ବିରୋଧ କଲେ ଗ୍ରାମବାସୀ

ପାଟଣା ୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଂଚାୟତ ଅନ୍ତର୍ଗତ ଘାଟ ବାଲିଯୋଡି ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ବିନା ପଲ୍ଲୀସଭାରେ ଟେଣ୍ଡର ହୋଇ ଚାଲିଥିବା କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ । ଏ ନେଇ ଆଜି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବୀ ଜଣାଇଛନ୍ତି । ୭ ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଗ୍ରାମବାସୀ ବାଧ୍ୟହୋଇ ଅନଶନ କରିବେ । ଅନଶନ ସମୟରେ ପର୍ଯ୍ୟଟନସ୍ଥଳୀ ଆସୁଥିବା ପର୍ଯ୍ୟଟକଙ୍କୁ ବିନା ଶୁଳ୍କରେ ସେବା ଓ ସହାୟତା ଯୋଗାଇ ଦିଆଯିବ । ସରକାରଙ୍କ ରାଜସ୍ୱ ନିମନ୍ତେ ଏହି ଅଂଚଳର ଉନ୍ନୟନ କାର୍ଯ୍ୟ କରାଯାଉଥିବାବେଳେ ପର୍ଯ୍ୟଟକଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି । ତେବେ ଏଥି ନିମନ୍ତେ ପଲ୍ଲୀସଭା କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଟେଣ୍ଡର ହେବା ଦିନ ଠାରୁ ଭୀମକୁଣ୍ଡ ମନ୍ଦିରରେ ପୂଜାପାଠ ହୋଇ ପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଟେଣ୍ଡର ପୂର୍ବରୁ ଗ୍ରାମର ବହୁ ଲୋକ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବାବେଳେ ଏବେ ସେମାନେ ଜୀବୀକା ହରାଇଛନ୍ତି । ଭୀମକୁଣ୍ଡର ଉନ୍ନତି ନାମରେ ବେଆଇନ ବାଲି ବିକ୍ରୀ କରାଯାଉଛି । ଭୀମକୁଣ୍ଡର ପରିଚାଳନା ଦାୟିତ୍ୱ ପୂର୍ବପରି ଘାଟବାଲିଯୋଡି ଗ୍ରାମବାସୀଙ୍କୁ ଦେବାକୁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ ସମୟରେ ଭକ୍ତବନ୍ଧୁ ମହାନ୍ତ,ଜଗନ୍ନାଥ ମୋଦି,ବିଶ୍ୱନାଥ ମୋଦି,ସୁଦାମ ଚରଣ ମୋଦି,ବିଜୟ କୁମାର ମୁଣ୍ଡା,ରଞ୍ଜନ କୁମାର ମହାନ୍ତ,ସୁନିଲ କୁମାର ମହାନ୍ତ,ଶଙ୍କର ମୋଦ.ଚିନ୍ତାମଣୀ ମୋଦି,ଆନନ୍ଦ ମହାନ୍ତ,ଖଗେଶ୍ୱର ମହାନ୍ତ,ହେମାନନ୍ଦ ମୋଦି,ଦୟାନିଧି ମହାନ୍ତ,ବ୍ରହ୍ମାନନ୍ଦ ମୋଦି,ବିଜୟ ମହାନ୍ତ,ଜୟହରି ମହାନ୍ତ,ସଞ୍ଜୟ ମୁଣ୍ଡା,ପ୍ରଫୁଲ୍ଲ ମୋଦି,ପ୍ରଫୁଲ୍ଲ ମହାନ୍ତ,ରଙ୍ଗଲତା ମହାନ୍ତ,ନରେନ୍ଦ୍ର ମହାନ୍ତ,ଶିବ ଚରଣ ମହାନ୍ତ,ଶୈଳେନ୍ଦ୍ର ମହାନ୍ତ ବୈକୁଣ୍ଠ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମ ପରାୟଣ ବ୍ୟକ୍ତିଙ୍କ ଦେହାନ୍ତ : ସମଗ୍ର ଅଞ୍ଚଳରେ ଶୋକର ଛାୟା

ବାଲିଗୁଡ଼ା ୩/୧୨ (ନି.ପ୍ର):କନ୍ଧମାଳ ଜିଲ୍ଲାର ଜଣେ ଜଣାଶୁଣା ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ଧର୍ମ ପରାୟଣ ବ୍ୟକ୍ତି ରାମଚନ୍ଦ୍ର ଡାକୁଆ (୯୪) ଙ୍କ ସୋମବାର ସନ୍ଧ୍ୟାରେ ନିଜ ଜକିସାହି ବାସଭବନ ରେ ଦେହାନ୍ତ ହୋଇଯାଇଛି କ୍ଷ ଏ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଦୀର୍ଘ ଦିନ ଧରି ବୟସାନୁ ଭିତ୍ତିକ ବାର୍ଦ୍ଧକ୍ୟ ଜନିତ ଭାବେ ଶଯ୍ୟାଶାୟୀ ଥିଲେ। ବାଲିଗୁଡା ସହର ଜକିସାହି ନିବାସୀ ସ୍ୱର୍ଗତ ଡାକୁଆ ଅବସର ଗ୍ରହଣ ପରେ ଥକି ନ ଯାଇ ନିଜକୁ ବିଭିନ୍ନ ସାମାଜିକ, ଧାର୍ମିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନିଜକୁ ନିୟୋଜିତ କରିବା ସହ ସେ ଏକ ପୂର୍ଣ୍ଣାନନ୍ଦ ଆଶ୍ରମ ପ୍ରତିଷ୍ଠା କରି ଅଞ୍ଚଳ ର ବିଭିନ୍ନ ପର୍ବ ପର୍ବାଣୀ ରେ ସାମିଲ ହୋଇ ଗାଁ ଗାଁ ରେ ସତସଙ୍ଗ ମାଧ୍ୟମରେ ଲୋକଙ୍କୁ ଯୋଡୁ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ପୁରୁଷୋତ୍ତମ ଡାକୁଆ (ବାବୁ) ଓ ଦୁଇ ଝିଅ, ଜ୍ୱାଇଁ, ନାତି ନାତୁଣୀ,ବନ୍ଧୁ ବାନ୍ଧବ ଓ ପରିବାର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀ ମଧ୍ୟ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ଶ୍ମଶାନ ଘାଟରେ ସ୍ୱର୍ଗତ ଡାକୁଆ ଙ୍କ ଅନ୍ତିମ ସତ୍କାର କରାଯାଇଥିଲା ।

# ଡାବୁଗାଁ ତହସିଲ ପକ୍ଷରୁ ବୋରିଗାଁ ଏବଂ ଜୁନାପାଣି ପଞ୍ଚାୟତ ରେ ଜଙ୍ଗଲ ଜମି ପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ, ଯୋଗଦେଲେ ବିଧାୟକ



ନବରଙ୍ଗପୁର ୩/୧୨ (ନି.ପ୍ର):ଡାବୁଗାଁ ତହସିଲ ପକ୍ଷରୁ ଆଜି ଦିନ ୧୨ ଘଣ୍ଟା ସମୟରେ ବୋରିଗାଁ ଏବଂ ଜୁନାପାଣି ପଞ୍ଚାୟତରେ ଡାବୁଗାଁ ତହସିଲଦାର ହଇଓମ ଭଇଙ୍କ ଅଧକ୍ଷତାରେ ଜଙ୍ଗଲ ଜମି ପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତହେଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଲେ ଡାବୁଗାଁ ବିଧାୟକ ମନହର ରନ୍ଧାରୀ ଏହି ସମୟରେ ତାଙ୍କ ସହ ଉପସ୍ଥିଥିଲେ ଡାବୁଗାଁ ବ୍ଲକ ଜନ ଏକ ଜିଲ୍ଲାପରିଷଦ ସଭ୍ୟ ଧନସିଂ ଭତ୍ରା, ବ୍ଲକ ଅଦକ୍ଷା ବୀଣା ମାଝୀ,ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ ଉପାଧକ୍ଷ ସଦନାଦ ନାୟକ,ବୋରିଗାଁ ସରପଞ୍ଚ ଶୁକରୁ ଭତ୍ରା, ଜୁନାପାଣି ସରପଞ୍ଚ ଏବଂ ଜଙ୍ଗଲ ଜମି ପଟା ପାଇଁ ଆସିଥିବା ଉପଯୁକ୍ତ ହିତାଧିକାରୀ। ଆଜି ଦୁଇଟି ପଂଚାୟରେ ଡାବୁଗାଁ ତହସିଲ ପକ୍ଷରୁ ୧୦୦ରୁ ଅଧିକ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟା ବଣ୍ଟନ କରାଯାଇଥିଲା।

# ବୁଗୁଡା ଓ ମାଣିତରା ରେ ବିଶ୍ୱ ଏଡସ ଦିବସ ପାଳିତ





ବୁଗୁଡା ୩/୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡିସେମ୍ବର ୦୧ ତାରିଖ ଦିନ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ୨୦୨୪ ଅକ୍ଟୋବର ମାସର ସର୍ଭେ ଅନୁସାରେ ଆମ ରାଜ୍ୟର ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୮ ହଜାର ୪୮୪ ଜଣ ଏଡସ ରୋଗୀ ଚିହ୍ନଟ ହୋଇଛନ୍ତି। ବୁଗୁଡା ବ୍ଲକ ଓ ଏନଏସି ରେ ୬୧୦ ଜଣ ଚିହ୍ନଟ ହୋଇଛନ୍ତି। ବିଶେଷ କରି ୨୫ ବର୍ଷରୁ ୪୯ ବର୍ଷ ମଧ୍ୟରେ ସର୍ବାଧିକ ଏଡସ ରୋଗୀ ଥିବାର ଜଣାପଡ଼ିଛି। ଜନସଚେତନତା ଦ୍ୱାରାହିଁ ଏଡସ ରୋଗକୁ ରୋକା ଯାଇପାରିବ। ଏଡସ ରୋଗର ସଚେତନତା ପାଇଁ ବୁଗୁଡା ପିପୁଲସ କଲେଜରେ ଯୁବ ରେଡକ୍ରସ ପରାମର୍ଶଦାତ୍ରୀ କ୍ରୀଷ୍ଣା କୁମାରୀ ବର୍ଗେଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ସଭାକୁ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ଦାସ ଉଦଘାଟନ କରିଥିଲେ। ଅତିଥି ଭାବେ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଚ.ଆଇ.ଭି ସଂଯୋଜିକା ରଶ୍ମିରେଖା ରାଉତ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ କାରଣ, ନିରାକରଣ ଓ ସଚେତନତା ଉପରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଲୋକନାଥ ବେହେରା ଓ କ୍ରୀଡା ଶିକ୍ଷକ କ୍ରୀଷ୍ଣା ରାଓ ପାତ୍ର ଯୋଗଦେଇଥିଲେ। ସେହିପରି ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡି ରିବନ କ୍ଲବ ର ଉପଦେଷ୍ଟା ଅଧ୍ୟାପକ ଦିଲ୍ଲୀପ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏଡସ ରୋଗ ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଉଷା ରଞ୍ଜନ ଦାଶ ଓ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଅତିଥି ଦ୍ୱୟ ଏଡସ ରୋଗର ଭୟାବହ ସମ୍ପର୍କରେ ଆଲୋକପାତ କରିବା ସହ ସଚେତନ ରହିଲେ ଏଡସ ରୋଗ ସଂକ୍ରମିତ ହେବନାହିଁ ବୋଲି ପ୍ରକାଶ କରିଥିଲେ।

## ଚାକୁଣ୍ଡାପାଳରେ ଆୟୁଷ୍ମାନ ଆରୋଗ୍ୟ ଶିବିର

ପାଟଣା ୩/୧୨ (ନି.ପ୍ର): ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଚାକୁଣ୍ଡାପାଳ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି।ଏହି ଶିବିର କୁ ଚାକୁଣ୍ଡାପାଳ ସରପଞ୍ଚ ରକ୍ଷାମଣି ନାଏକ ଫିତାକାଟି ଉଦଘାଟନ କରିଥିଲେ।ଶିବିରରେ ଡାକ୍ତର ପ୍ରଜ୍ଞା ପରିମିତା ମହାନ୍ତ ଓ ସିଏଚଓ ରିତା ମହାନ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଖାପାଖି ୮୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହିତ ମାଗଣାରେ ଔଷଧ ବିତରଣ କରଯାଇଥିଲା।ଏଥିରେ ଆଶାକର୍ମୀ ସ୍ୱର୍ଣ୍ଣପ୍ରଭା ନାଏକ ଓ ଯୋଗ ଶିକ୍ଷୟତ୍ରୀ ଦୀପ୍ତି ମୟୀ ମହାନ୍ତ ସହଯୋଗ କରିଥିଲେ।

# ବଡମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ବିଜେପିରେ ଯୋଗଦାନ

ଭୁବନେଶ୍ୱର,୩/୧୨ (ନି.ପ୍ର): ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ଆଜି ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ତାଙ୍କ ସମର୍ଥକ ସହ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରା ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ଜଣ ସରପଂଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଂଚଙ୍କ ସମେତ ବଡମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ବଡମ୍ବା ବ୍ଲକର ନିର୍ବାଚିତ ସମିତି ସଭ୍ୟ ସୀମାରାଣୀ ନାୟକ, ରାଜେଶ ଦଳେଇ, ଲିଲି ସେଠୀ, ବିଭୂତି ଭୂଷଣ ଜେନା, ମନସ୍ୱିନୀ ଜେନା, ଲକ୍ଷ୍ମୀଧର ପଣ୍ଡା, ସୁନିତା ଚୌଧୁରୀ, ହରିହର ବେହେରା, ଜ୍ୟୋତିର୍ମୟୀ ବିଶ୍ୱାଳ, ସମୀର କୁମାର ସେନାପତି, ଅକ୍ଷୟ କୁମାର ଦାଶ, ଗୋଲାପ ସାହୁ, ନାରାୟଣ ଜେନା, ମନୋଜ କୁମାର ବେହେରା, ମମତା ବେହେରା, ସମୀର କୁମାର ପ୍ରଧାନ, ରିଲି ବେହେରା, ସୁଚିତ୍ରା ପାଣିଗ୍ରାହୀ, କବିତା ବାରିକ, ଚନ୍ଦ୍ରମା ପଂଗାରି, ଅଲେଖା ପ୍ରଧାନ, ରଘୁପତି ମହାନ୍ତି, ସୁବାସ ଚନ୍ଦ୍ର ନାୟକ, ଚିନ୍ତାମଣି ସାମଲଙ୍କ ସମେତ ସରପଂଚ ଆଲୋକ କୁମାର ସାହୁ, କମଳଲୋଚନ ସଂଗ୍ରାମସିଂହ, ରାଇକିଶୋର ପୁହାନ, ସୁଶାନ୍ତ କୁମାର ବେହେରା, ତ୍ରିର୍ଥବଳୀ ରାଉତ, ମମତା ଜେନା, ପ୍ରମୋଦିନୀ ବେହେରା, କଜ୍ଜଳା ଚୌଧୁରୀ, ରୁପା ସାମଲ, ଜୋଷ୍ଠାମୟୀ ବିଶ୍ୱାଳ, ଜୋଷ୍ଠାମୟୀ ପ୍ରଧାନ ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ



ସାମିଲ ହୋଇଛନ୍ତି। ସେହିପରି ନରସିଂହପୁର ବ୍ଲକର ସରପଂଚ ଶରଚଚନ୍ଦ୍ର ଖଟୁଆ, ସାବିତ୍ରୀ ପ୍ରଧାନ, ଝୁନୁଲତା ପ୍ରଧାନ, ଲୁସି ପ୍ରଧାନ, କାର୍ତିକ ଚନ୍ଦ୍ର ଦଳେଇ, ବିନୋଦ କୁମାର ପଣ୍ଡା, ରଶ୍ମିତା ପଣ୍ଡା, ସ୍ୱାଗତିକା ରାଉତ, ସନ୍ତୋଷୀ ନାୟକ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି। ବିଜେପିରେ ସାମିଲ ହୋଇଥିବା ନୂତନ କର୍ମକର୍ତାମାନେ ବିଜେଡ଼ି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଦେବୀ ମିଶ୍ରଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଫଳରେ ତାଙ୍କୁ ବଡ଼ ଝଟକା ଲାଗିଛି। ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରା ବିଜେଡିର ପୂର୍ବତନ ବିଧାୟକ ମିଶ୍ରଙ୍କ ଉପରେ ବର୍ଷିଥିଲେ। ମିଶ୍ର ଯାହା ଭୁଲ କରିଛନ୍ତି ତାହାର ଫଳ ପାଇଛନ୍ତି। ଏବେ ସେ ପ୍ରାୟଶ୍ଚିତ କରିବା ଆବଶ୍ୟକ ବୋଲି ଶ୍ରୀ ଦଳବେହେରା କହିଥିଲେ। ରାଜ୍ୟ ସଭାପତି ଶ୍ରୀ ସାମଲ କହିଥିଲେ, ସମାଜରେ ଅନେକ ସମସ୍ୟା ରହିଛି, ଏହାର ସମାଧାନ କରି ଲୋକଙ୍କ ପାଖରେ କିପରି ସରକାରୀ ଯୋଜନାଗୁଡ଼ିକ ସହଜରେ ପହଂଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ନୂତନ କର୍ମକର୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ଉପସଭାପତି ବିରଂଚି ତ୍ରିପାଠୀ,ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ,ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି,ଜିଲ୍ଲା ଉପସଭାପତି ବିଭୁଦତ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପିପୁଲସ କଲେଜ ଏନ.ଏସ.ଏସ. ୟୁନିଟ -୨ ପକ୍ଷରୁ ବିଶ୍ୱ ଏଡସ ଦିବସ ପାଳନ

ବୁଗୁଡା ୩/୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜ ଜାତୀୟ ସେବା ଯୋଜନା ୟୁନିଟ - ୨ ପକ୍ଷରୁ ଡିସେମ୍ବର ୦୧ ତାରିଖ ଦିନ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଆମ ରାଜ୍ୟର ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୮ ହଜାର ୪୮୪ ଜଣ ଏଡସ ରୋଗୀ ଚିହ୍ନଟ ହୋଇଛନ୍ତି। ଗଞ୍ଜାମ ଜିଲାର ପୋଲସରା ବ୍ଲକ ଓ ଏନଏସିରେ ସର୍ବାଧିକ ୧୩୪୨ ଜଣ ଏଡସ ରୋଗୀ ଥିବା ବେଳେ ବୁଗୁଡା ବ୍ଲକ ଓ ଏନଏସି ରେ ୬୧୦ ଜଣ ଏଡସ ରୋଗୀ ଅଛନ୍ତି। ବିଶେଷ କରି ୨୫ ବର୍ଷରୁ ୪୯ ବର୍ଷ ମଧ୍ୟରେ ସର୍ବାଧିକ ଏଡସ ରୋଗୀ ଥିବାର ଜଣାପଡ଼ିଛି। ଜନସଚେତନତା ଦ୍ୱାରାହିଁ ଏଡସ ରୋଗକୁ ରୋକା



ଯାଇପାରିବ। ଏଡସ ରୋଗର ସଚେତନତା ପାଇଁ ବୁଗୁଡା ପିପୁଲସ କଲେଜର ଜାତୀୟ ସେବା ଯୋଜନା ୟୁନିଟ -୨ ପକ୍ଷରୁ ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଏକ ପୋଷ୍ଟର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏନଏସଏସ ୟୁନିଟ-୨ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସସ୍ମିତା ସାମନ୍ତରା ଏଡସ ରୋଗର କାରଣ, ନିରାକରଣ ଓ ସଚେତନତା ଉପରେ ସ୍ୱେଚ୍ଛାସେବୀଙ୍କୁ ଧାରଣା ଦେବା ପରେ ପୋଷ୍ଟର ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପକ ଦିଲୀପ କୁମାର ସାହୁ ଓ ଅଧ୍ୟାପିକା ଚିନ୍ମୟୀ କୁମାରୀ ପାତ୍ର ଯୋଗ ଦେଇଥିଲେ।ପୋଷ୍ଟର ପ୍ରତିଯୋଗିତାରେ +୩ ର ଶେଷ ବର୍ଷ କଳା ଛାତ୍ରୀ ଜ୍ୟୋତି ପ୍ରଧାନ ପ୍ରଥମ , ଶେଷ ବର୍ଷ କଳା ଛାତ୍ରୀ ଶୁଭଶ୍ରୀ ନାୟକ ଦ୍ୱିତୀୟ ଓ ପ୍ରିୟଙ୍କା ଗୌଡ଼ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

# ପ୍ରଚଣ୍ଡ ଶବ୍ଦରେ ଥରିଲା ଢେଙ୍କିକୋଟ ପାଟଣା ଅଞ୍ଚଳ

ପାଟଣା ୩/୧୨ (ନି.ପ୍ର): ଆଜି ପୂର୍ବାହ୍ନ ୧୦ ଟା ୪୭ ରୁ ୧୦ ଟା ୪୮ ମଧ୍ୟରେ ଢେଙ୍କିକୋଟ, ପାଟଣା ଓ ସାହାରପଡା ଅଞ୍ଚଳକୁ ଏକ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା। ଏହି ଶବ୍ଦ ଏତେ ତୀବ୍ର ଥିଲା ଯେ ବହୁ ସ୍ଥାନରେ ଘରର କବାଟ, ଝରକା ହଲି ଉଠିବା ସହ ଘର ଥରି ଯିବା ପରି ଘଟଣା ଘଟିଥିଲା । ବିଶେଷ କରି ଏହି ନଭେମ୍ବର ଡିସେମ୍ବର ମାସରେ କିଛି ବର୍ଷ ହେଲା ହଠାତ୍ ଏମିତି ପ୍ରଚଣ୍ଡ ଶବ୍ଦ ଶୁଣାଯାଉଛି। ଶବ୍ଦ ର ଉତ୍ପତ୍ତି ସ୍ଥଳ କେଉଁଠୁ ମଧ୍ୟ ଜଣା ପଡୁନାହିଁ । ତେବେ ଏହି ସମୟରେ ଏକାଧିକ ଉଡାଜାହାଜ ଦ୍ରୁତ ବେଗରେ ଆକାଶରେ ଚକ୍କର କାଟୁଥିବା ଦେଖାଯାଉ ଥିବାରୁ ଏହି ଶବ୍ଦ ସହ ଉଡାଜାହାଜ ଚକ୍କର ଘଟଣାର ସମ୍ପର୍କ ରହିଛି କି ନାହିଁ ତାହା ସାଧାରଣ ଲୋକଙ୍କ ପାଇଁ ଅଜଣା ରହିଛି ।

# ପାଟଣା ବଜାର ଅଞ୍ଚଳରେ ସରକାରୀ ଜାଗା ଚିହ୍ନଟ



ପାଟଣା ୩/୧୨ (ନି.ପ୍ର): ପାଟଣା ବଜାର ଅଞ୍ଚଳ ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥ ପ୍ରଶସ୍ତି କରଣ ହେବାର ଅଛି।ଏହି ପରିପ୍ରେକ୍ଷୀରେ ପାଟଣା ବଜାର ଅଞ୍ଚଳ ବିଭିନ୍ନ ଦୋକାନ ନିର୍ମାଣ କାରଣରୁ ସଙ୍କୁଚିତ ହୋଇ ଯାଉଛି।ଏଭଳି ସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ କେତେ ସରକାରୀ ଜାଗା ରହିଛି ଓ ତନ୍ମଧ୍ୟରୁ କେତେ ଜବର ଦଖଲ ରେ ରହିଛି ତାହା ଚିହ୍ନଟ କରିବା ଓ ଆବଶ୍ୟକ ପଡ଼ିଲେ ଉଚ୍ଛେଦ କରିବାକୁ ରାଜସ୍ୱ ବିଭାଗ କୁ ଚିଠି ଲେଖା ଯାଇଥିଲା । ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ପାଟଣା ତହସିଲ ପ୍ରଶାସନ ଓ ପୂର୍ତ୍ତ ବିଭାଗ ଅଧିକାରୀ ଙ୍କ ଉପସ୍ଥିତି ରେ ଏହି ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଆଜି ପୂର୍ବାହ୍ନ ରୁ ସନ୍ଧ୍ୟା ଯାଏ ଚାଲିଥିଲା।ଏଥିରେ ପାଟଣା ତହସିଲଦାର ଲୀଳାବତୀ ନାୟକ,ଅତିରିକ୍ତ ତହସିଲଦାର ସରଣ କୁମାର ଜେନା,ପୂର୍ତ୍ତ ବିଭାଗ ର ଅଧିକାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ନିରୀକ୍ଷକ ବନମାଳୀ ନାୟକ ଓ ଅନ୍ୟ ରାଜସ୍ୱ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ।ଅପ୍ରୀତିକର ପରିସ୍ଥିତି କୁ ଏଡ଼ାଇବା ପାଇଁ ପାଟଣା ପୁଲିସ ଉପସ୍ଥିତ ଥିଲେ।

# ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ

ବେଲଗୁଣ୍ଠା ୩/୧୨ (ନି.ପ୍ର): ବେଲଗୁଣ୍ଠା ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଡ.ସଂଯୁକ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଇସିଟିସି ସ୍ୱାସ୍ଥ୍ୟ ପରାମର୍ଶଦାତା ବିଜୟ କୁମାର ସାହୁ ଯୋଗଦେଇ ଏଡସ୍ ଏବଂ ଏଚଆଇଭି ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପଣ୍ଡା ଯୋଗଦେଇ ଛାତ୍ରୀ ମାନଙ୍କୁ ସଚେତନତାର ବାର୍ତ୍ତା ଦେଇ ବିଶ୍ୱ ଏଡସ ଦିବସର ମହତ୍ତ୍ୱକୁ ପ୍ରତିପାଦିତ କରିଥିବାବେଳେ ବେଳେ ପୂର୍ବତନ ଯୁବ ରେଡ଼କ୍ରସ୍ ପରମର୍ଶଦାତା ଅଧ୍ୟାପକ ପବିତ୍ର ମୋହନ ପ୍ରଧାନ ସମ୍ମାନିତ ବକ୍ତା ରୂପେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଯୁବ ରେଡକ୍ରସ୍ ର ସାତ ଗୋଟି ମୌଳିକ ନୀତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍କାଉଟ୍ ଗାଇଡସ୍,ରେଞ୍ଜର୍, ଯୁବ ରେଡ଼କ୍ରସ୍ ର ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ପାଳିତ ହୋଇଯାଇଛି। ସଂଯୋଜିକା ଗୀତାଶ୍ରୀ ସାମନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ନାରାୟଣ ପଣ୍ଡା,ଶତ୍ରୁଘ୍ନ ବିଷୋୟୀ,ପ୍ରମିଳା ସିଅ,ରୁବୀନା ପରିଡା, ରତ୍ନାକର ପାତ୍ର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରୀ ସହଯୋଗ କରିଥିଲେ।

# ଜାମଦା ଚିକିତ୍ସାଳୟରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସଚେତନତା ସମାରୋହ

ମୟୂରଭଞ୍ଜ ୩/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ଚିକିତ୍ସାଳୟ ଠାରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସଚେତନତା ସମାରୋହ ରେ ପାଳିତ ହୋଇଯାଇଛି କ୍ଷ ପ୍ରଥମେ ଚିକିତ୍ସା ଅଧିକାରୀ ଡାକ୍ତର ଦୀପକ ରଂଜନ ଜେନା ସବୁଜ ପତାକା ଦେଖାଇ ଜାମଦା ଏସ୍ଏସ୍.ଡ଼ି ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାର କୁ ଶୁଭାରମ୍ଭ କରିଥିଲେ କ୍ଷ ଏହି ଶୋଭାଯାତ୍ରାର ନେତୃତ୍ୱ ପିଏଚ୍ଓ ଆର୍ସୁ ହେମ୍ବ୍ରମ ନେଇଥିବାବେଳେ ସଚେତନତା ରଥ ଜାମଦା ବ୍ଲକ ର ସବୁସ୍ଥାନକୁ ବୁଲି ବୁଲି ସଚେତନ କରିବା ଉପଲକ୍ଷେ ଶୁଭାରମ୍ଭ କରାଯାଇଛି । ପୁରୁଷ ମାନଙ୍କ ପାଇଁ ଏନ. ଏସ. ଭି ଏକ ସହଜ, ସଫଳ ଓ ସୁରକ୍ଷିତ ଜନ୍ମ ନିରୋଧ ଉପାୟ, ଏଥିପାଇଁ ବେଶି କଟାକଟି ବା ସିଲେଇର ଆବଶ୍ୟକତା ନାହିଁ, ଏହାର କୌଣସି ଜଟିଳ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ, ଏହା ଦ୍ୱାରା ପୁରୁଷତ୍ୱ ଓ ଯୌନ ସୁଖ ହ୍ରାସ ହୁଏ ନାହିଁ, ସେବା ଗ୍ରହଣକାରୀଙ୍କ ପାଇଁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ସୁବିଧା ମଧ୍ୟ ରହିଛି ବୋଲି ଜାମଦା ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ଦୀପକ ରଂଜନ ଜେନା ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଅବଗତ କରିଥିଲେ ।

# ରୁଟିଁଶିଳା ଫୁଟବଲ ଫାଇନାଲ , ଗାଭାସ୍କର ଏଫ୍. ସି ଚମ୍ପିଆନ



ପାଟଣା ୩/୧୨ (ନି.ପ୍ର): ଘଟଗାଁ ବ୍ଲକ ରୁଟିଁଶିଳା ଯୁବ ଫୁଟବଲ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ୨୪ ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ରେ କଟକର ଗାଭାସ୍କର ଏଫ୍ ସି ଚମ୍ପିୟାନ ହୋଇଛି । ସେହିପରି ହାତୀନୋଟାର ଜଗା ବଳିଆ ଏଫ୍ ସି ରନର୍ସ ଅପ ହୋଇଥିବା ବେଳେ ତୃତୀୟ ସ୍ଥାନରେ ଗଙ୍ଗାମାତା ଏଫ୍ ସି ଓ ଚତୁର୍ଥ ସ୍ଥାନରେ ଆଦିତ୍ୟ ଏଫ୍ ସି ଙ୍କୁ ସନ୍ତୁଷ୍ଟ ହେବାକୁ ପଡିଛି । ପ୍ରତିଯୋଗିତା ରେ ୩୭ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ , ଯୁବନେତା ଏସ କେ ଇମରାନ, ମୁଖ୍ୟବକ୍ତା ଭାବେ ଦୂର୍ଯୋଧନ ବାରିକ ଓ ସମ୍ମାନିତ ଅତିଥି ଭାବେ ଯଦୁମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଭାଷ୍ୟକାର ଭାବେ ଚୁଲବୁଲ ଆପଟ୍ଟ ଓ କୁନାଲ ପଣ୍ଡା ଦାୟିତ୍ୱ ତୁଲାଇଥିଲେ ଅଭିନେତ୍ରୀ ମାନିନୀ ଉଦଯାପନ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲେ । ସରପଞ୍ଚ ଗତିକୃଷ୍ଣ ନାଏକ ଓ ସମିତି ସଭ୍ୟ କୈବଲ୍ୟ ନାଏକ ପୁରସ୍କାର ବିତରଣ ସଭାରେ ଯୋଗ ଦେଇଥିଲେ ।ଚମ୍ପିୟାନ ଦଳକୁ ଟ୍ରଫି ଓ ୮୦ ହଜାର ଟଙ୍କା , ରନର୍ସ ଅପ୍ ଦଳକୁ ଟ୍ରଫି ଓ ୬୦ ହଜାର ଟଙ୍କା , ତୃତୀୟ ଓ ଚତୁର୍ଥ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଶ୍ୱ ଏଡ଼ସ ଦିବସ ପାଳନ ଅବସରେ ଡାବୁଗାଁ ରେ କଲେଜ ଛାତ୍ର ଛାତ୍ରି ମାନଙ୍କ ଦ୍ୱାରା ସଚେତନତା ରେଲି ଅନୁଷ୍ଠିତ

ନବରଙ୍ଗପୁର ୩/୧୨ (ନି.ପ୍ର):ଡାବୁଗାଁ ବ୍ଲକରେ ଥିବା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଗତ କାଲି ରବିବାର ଛୁଟି ଦିବସ ପଡିଥିବାରୁ କାଲିର କାର୍ଯ୍ୟକ୍ରମକୁ ଆଜି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମହାଆଡମ୍ବର ରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉକ୍ତ ବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନେ ବିଶ୍ୱ ଏଡସ୍ ଦିବସ ବ୍ୟାନର ଧରି ହାତରେ ଏଡସ୍ ସଚେତନତା ର ପ୍ଲା କାର୍ଡ ଧରି ଏଡସ୍ ସଚେତନତା ର ନାରା ଦେଇ ଡାବୁଗାଁ ସହର ପରିକ୍ରମା କରି ବିଦ୍ୟାଳୟ କୁ ଫେରିଥିଲେ। ପରେ ବିଦ୍ୟାଳୟ ର ଏକ ଗୃହରେ ସଚେତନତାର ଏକ ସଭା ଆୟୋଜନ କରାଯାଇ ଥିଲା କ୍ଷଉକ୍ତ ସଭାରେ ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱ କରିଥିଲେ। ଏଡସ୍ ରୋଗୀ ଙ୍କୁ ଘୃଣା ନକରି ନିଜର ଭାବି ସରଳ ବ୍ୟବହାର କରିବା,ଏଡସ୍ ଛୁଆଁ ରୋଗ ନୁହେଁ, ଡାକ୍ତରଖାନାରେ ଇଞ୍ଜେକସନ୍ ନେବା ବେଳେ ନୂଆ ସିରିଞ୍ଜ ବ୍ୟବହାର, ଚୁଟି ଓ ଦାଢ଼ି କାଟିବା ବେଳେ ରକ୍ତ ଲାଗିଥିବା ବ୍ଲେଡ ଓ କଇଁଚି ପରିଷ୍କାର କରି କିମ୍ବା ନୂତନ ବ୍ଲେଡ ବ୍ୟବହାର କରିବା ପ୍ରତି ଧ୍ୟାନ ଦେବା ଆବଶ୍ୟକ।ଏଡସ୍ ପ୍ରତି ସଚେତନ ହେବା,ଏଡସ୍ ର ଭୟାବହତକ୍ଷ,ଏହି ଭୁତାଣୁ ର ଅବସ୍ଥାନ, ସଂକ୍ରମଣର ମାଧ୍ୟମ, ଏଡସ୍ ନିବାରଣର ଆବଶ୍ୟକତା, ଏଡସ୍ ନିବାରଣ ଶିକ୍ଷାର ଲକ୍ଷ୍ୟ, ଏହିରୋଗର ଲକ୍ଷଣ, ଚିକିତ୍ସା ପ୍ରଣାଳୀ ଏବଂ ଏହି ରୋଗ ସଂକ୍ରମଣ ବିଷୟରେ ନିଜେ ବୁଝିବା ସହ ଅନ୍ୟକୁ ବି ବୁଝାଇବା ଏବଂ ସତର୍କତା ରହିବା ଆବଶ୍ୟକ।



# ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ଘର ' ପୁସ୍ତକ ର ଲୋକାର୍ପଣ

ନିମାପଡ଼ା ୩/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମ ର ଗବେଷକ,ଲେଖକ ଲକ୍ଷ୍ମୀ ଧର ସାହୁ ଙ୍କ ଗବେଷଣାତ୍ମକ ପୁସ୍ତକ 'ଶ୍ରୀ ଜଗନ୍ନାଥ ଙ୍କ ମାମୁଁ ଘର ' ଓ ଶିଶୁ ସାହିତ୍ୟିକ ବିଜୟ କୁମାର ମହାନ୍ତି ଙ୍କ ଶିଶୁ ଓ କିଶୋର ମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ' ଜଗନ୍ନାଥ ଙ୍କ ମାମୁଁ ଘର ' ଆଜି ପ୍ରାଚୀ ଉପତ୍ୟକା ର ପ୍ରସିଦ୍ଧ ମାଧବ ମନ୍ଦିର ଠାରେ ଲୋକାର୍ପଣ ହୋଇଯାଇଛି। ପୁସ୍ତକ ଦୁଇଟିକୁ ପ୍ରଥମେ ପ୍ରଭୁ ମାଧବ ଙ୍କ ଚରଣ ତଳେ ଲାଗି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସ୍ୱାମୀ ଶୁଦ୍ଧାନନ୍ଦ ଗିରି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ଏହି ଉନ୍ମୋଚନ ଉତ୍ସବ ରେ ପ୍ରଭୂ ମାଧବ ଙ୍କ ସେବକ ତ୍ରିଲୋଚନ ପୁଷ୍ପାଳକ, ଲେଖକ ରାଜ କିଶୋର ନନ୍ଦ, ଲକ୍ଷ୍ମୀଧର ସାହୁ, ଚିତ୍ତ ରଞ୍ଜନ ପାତ୍ର, ଭାସ୍କର ପୁଷ୍ପାଳକ, ଲକ୍ଷ୍ମୀଧର ପୁଷ୍ପାଳକ,ବିଜୟ ପରିଡ଼ା,ଅକ୍ଷୟ ପରିଡ଼ା ଙ୍କ ସହିତ ପ୍ରଭୂ ମାଧବ ଙ୍କ ଅନେକ ସେବକ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ସାହୁ ଙ୍କ ପୁସ୍ତକ ' ଶ୍ରୀଜଗନ୍ନାଥ ଙ୍କ ମାମୁଁ ଘର 'ଏକ ଗବେଷଣାତ୍ମକ ପୁସ୍ତକ। ଯେଉଁଥିରେ ଶ୍ରୀ କ୍ଷେତ୍ର ସହିତ ମଉଳାଘର ସଂପର୍କ ରେ ବହୁ ମୂଲ୍ୟବାନ ତଥ୍ୟ ରହିଛି। ଶିଶୁ ଓ କିଶୋର ମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକ ' ଜଗନ୍ନାଥ ଙ୍କ ମାମୁଁ ଘର ' କୁନି କୁନି ପିଲା ଙ୍କ ମନରେ ଆଧାତ୍ମିକ ଭାବନା ଜାଗରଣ ସୃଷ୍ଟି କରିବ ବୋଲି ସ୍ୱାମୀ ଶୁଦ୍ଧାନନ୍ଦ ଗିରି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରି ସାରିବା ପରେ ପ୍ରକାଶ କରିଥିଲେ।

# ତୁରୁମୁଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ




ପାଟଣା ୩/୧୨ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ୍ ରିବନ କ୍ଲବ ଓ ଯୁବ ରେଡ଼କ୍ରସ ପକ୍ଷରୁ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱତ୍ଥମା ଗିରିଙ୍କ ସଭାପତିତ୍ୱରେ ବିଶ୍ୱ ଏଡ଼ସ ଦିବସ ଅୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ଏଡ଼ସ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁବାଷ ଚନ୍ଦ୍ର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ନିଜର ଅଭିଭାଷଣରେ ଏଡ଼ସର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ସହ ସାମଜକୁ ସଚେତନତା କରିବାପାଇଁ ଉଦବୋଧନ ଦେଇଥିଲେ । ଅଧ୍ୟାପିକା ଅପର୍ଣ୍ଣା ବେହେରା, ଲିଜାରାଣୀ ଦାସ, ଅଧ୍ୟାପକ ସୁବ୍ରତ କୁମାର ମହାକୁଡ଼, ବିକାଶ ନାଏକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ପରିଶେଷରେ ରେଡ଼କ୍ରସ ପରାମର୍ଶଦାତା ପ୍ରଭଞ୍ଜନ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ତାଲିମ ସେବା ଶିବିର ଅନୁଷ୍ଠିତ

ପାଟଣା ୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅର୍ନ୍ତଗତ କପୁଣ୍ଡି ଗ୍ରାମପଞ୍ଚାୟତର ରାଜୀବଗାନ୍ଧୀ ସଭାଗୃହ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ତାଲିମ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଦୟନାଥ ସାହୁ ଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ବିଷୟରେ ଆଲୋଚନା କରାଯାଇଥିଲା। କେଉଁମାନେ ଏହି ଯୋଜନାର ଲାଭ ଉଠାଇବା ସହିତ କିଭଳି ଆବେଦନ କରିବେ ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଯେଉଁମାନେ



ଅସହାୟ, ବାସହୀନ, ଭିନ୍ନକ୍ଷମ, ବିଧବା, କଚା ଘର ହୋଇଥିବ ଏଥିସହିତ ବାର୍ଷିକ ୧୫ହଜାର ରୁ ଆୟ କମ ରହିଥିବ ତଥା ଯୋଗ୍ୟ ହିତାଧିକାରୀ ଯେଭଳି ଏହି ଯୋଜନାର ସୁଫଳ ପାଇପାରିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା ।କିଭଳି ଅନଲାଇନ ମାଧ୍ୟମରେ ଆବେଦନ କରାଯିବ ଓ କେଉଁ କାଗଜପତ୍ର ସବୁ ଆବଶ୍ୟକ ଯଥା ଆଧାର କାର୍ଡ , ଜବ କାର୍ଡ, ଫଟୋ, ବ୍ୟାଙ୍କ୍ ପାସବୁକ୍ , କିମ୍ବା ସରକାରଙ୍କ ଦ୍ୱାରା ଉପଲବ୍ଧ ହେବାକୁ ଥିବା ସ୍ୱତନ୍ତ୍ର ଆପ ମାଧ୍ୟମରେ କିଭଳି ଆବେଦନ କରିପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିବାବେଳେ କେତେ ସହାୟତା ମିଳିବ, ପ୍ରୋତ୍ସାହନ କେତେ ମିଳିବ ଓ କିଭଳି ଏହାର ଚୟନ କରାଯିବ ତମାମ ବିଷୟରେ ଉପସ୍ଥିତ ଲୋକ ମାନଙ୍କ ଦ୍ୱାରା ପ୍ରଶ୍ନ ଉତ୍ତର ଦ୍ୱାରା ଆଲୋଚନା କରାଯାଇଥିଲା।ତେବେ ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ପୂର୍ବ ଅପେକ୍ଷା ନିୟମକୁ ଟିକେ ପରିବର୍ତ୍ତନ କରାଯିବା ସହ ନୂତନ ନିୟମ ଯଥା ବାର୍ଷିକ ଆୟକୁ ୧୦ ହଜାରରୁ ୧୫ହଜାର ସହ ନିଜର ମୋଟରସାଇକେଲ କିମ୍ବା ଫ୍ରିଜ୍,ଟେଲିଫୋନ୍ ମଧ୍ୟ ଥିଲେ ଆବେଦନ କରିହେବ ଓ ନିଜେ ସିଧାସଳଖ ଆବେଦନ କରିପାରିବେ ଏଭଳି କିଛି ନିୟମ କୋହଳ ହୋଇଥିବା ଜଣାପଡିଛି । ତେବେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅନିତା କୁସୁମୁଳିଆ , ସମିତିସଭ୍ୟ ବିଜୟ କୁମାର ପଇଡା ,ଏ ଡି ଓ ଶ୍ରମିଷ୍ଠ। ପ୍ରଧାନ,ଗକୁଳ ଚନ୍ଦ୍ର ସାହୁ,ରମାକାନ୍ତ ମହାନ୍ତ ଏବଂ ସମସ୍ତ ୱାର୍ଡ ମେମ୍ବର ଆଶା ଦିଦି ,ଅଙ୍ଗନବାଡ଼ି କର୍ମଚାରୀ ଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ

ଯାଜପୁର, ତା ୦୩.୧୨.୨୦୨୪ ରିଖ : ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ସମସ୍ତ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କର ପ୍ରତିଭା କିଭଳି ଦକ୍ଷତାର ସହ ବିକଶିତ ହୋଇପାରିବ ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଉଛନ୍ତି। କୌଣସି ଭିନ୍ନକ୍ଷମ ପିଲା ଯେପରି ନିଜକୁ ଅକ୍ଷମ ମନେ ନକରନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏହି ଆଭିମୁଖ୍ୟରେ ସର୍ବସାଧାରଣ ସ୍ଥାନମାନଙ୍କରେ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଡି.ଆର.ଆଇ ଲୋନ୍ ମାଧ୍ୟମରେ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ସୁବିନିଯୋଗ କରି ସୁସ୍ଥ ଜୀବନ ଯାପନ କରିବା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଆଜି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ କହିଲେ ଭିନ୍ନକ୍ଷମମାନେ କେବଳ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ନାହିଁ ସେମାନେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଇ ପାରିବେ। ଆମ ରାଜ୍ୟର ଜଣେ ଭିନ୍ନକ୍ଷମ ପ୍ରମୋଦ ଭଗତ ଅଲିମ୍ପିକ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ସନ୍ଥକବି ଭୀମ ଭୋଇ ଅନ୍ଧ ହୋଇ ମଧ୍ୟ ବହୁ କାଳଜୟୀ କାବ୍ୟ କବିତା ରଚନା କରି ଯାଇଛନ୍ତି। ଆଜି ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ପେନସନ ତଥା ଅନ୍ୟାନ୍ୟ ବିଭିନ୍ନ ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ବାଣୀଶ୍ରୀ ସ୍କଲାରସିପ, ପ୍ରି-ମାଟ୍ରିକ, ପୋଷ୍ଟ ମାଟ୍ରିକ, ସ୍ନାତକୋତ୍ତର ମେଧା ବୃତ୍ତି ପ୍ରଦାନ କରାଯାଉଛି। ସେମାନଙ୍କୁ ପ୍ରଦାନ କରାଯାଉଥିବା ଯୋଜନାରେ ବଣ୍ଟା ଯାଉଥିବା ଉପକରଣ, ମାଗଣା




ଲାପଟପ୍, ଡି.ଆର.ଆଇ ଲୋନ, ଏନ୍. ଏଚ୍.ଏଫ୍.ଡି.ସି ଲୋନ୍, ବୈବାହିକ ପ୍ରୋତ୍ସାହନ ସହାୟତା (୨ ଲକ୍ଷ ୫୦ ହଜାର), ଆତ୍ମସହାୟକ ଦଳଙ୍କୁ ମିଶନକ୍ଷମତା ଯୋଜନାରେ ଆର୍ଥିକ ସହାୟତା, ସ୍ୱତନ୍ତ୍ର ବିଦ୍ୟାଳୟରେ ପଢ଼ିବା ସୁଯୋଗ, ବସ ପାସ, ଟ୍ରେନ୍ ପାସ୍, ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଂରକ୍ଷଣ, ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମାଧ୍ୟମରେ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ଅଭିଭାବକଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ମେଧାବୃତ୍ତି ପ୍ରଦାନ କରାଯାଉଛି। ଏହି ଦିବସରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଶିବାଶିଷ ମହାରଣା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ, ଡି.ସି.ପି.ଓ ନିରଞ୍ଜନ କର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଏଲ୍.ଏଲ.ସି ସଦସ୍ୟ ମଣ୍ଟୁ ଦାସ ଡିବ୍ୟାଙ୍ଗ ମାନଙ୍କ ଉଦ୍ଦିଷ୍ଟ ଯୋଜନା, ଥଇଥାନ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହି ଦିବସରେ ୪ ଗୋଟି ଶ୍ରବଣବାଧିତ ବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ ଶିବନ ଶିଳ୍ପ, ଅଳ କୁଣ୍ଡ, ଦୃଷ୍ଟି ବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ ନେସକୋଇ ଦଶରଥପୁର, ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ରୋଜ, ପୁରୁଷୋତ୍ତମପୁର ଶାସନ, ବଡ଼ଚଣା ଓ ସହକାରୀ ମାସଡ଼ା, ବିଂଝାରପୁର ର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦାନ କରିଥିଲେ। ଏହି ଦିବସ ପାଳନ ଅବସରରେ ପ୍ରଥମେ ରାମ ମନ୍ଦିର, ମାନସାପୋଲ ଠାରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଦିବସ ଅବସରରେ ବିଦ୍ୟାଳୟସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦ୍ରାପଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର



କେନ୍ଦ୍ରାପଡ଼ା, ତା ୦୩/୧୨/୨୦୨୪ : କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ ଘଟିକା ଠାରୁ ଅପରାହ୍ନ ଘ ୧.୦୦ ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍ ?ହଲ୍ ?ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡା ବିଡିଓ ବନ୍ଦନା ଖଟୁଆ, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍ ?ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୭୦ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୭ ଗୋଟି ସାମୁହିକ ଏବଂ ୧୫୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୭୯,୦୦୦/- ଟଙ୍କା ୧୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍ ?କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୧୨,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ରାସନ୍ ?କାର୍ଡ଼ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ବିଦ୍ୟୁତ ଯୋଗାଣ, ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଯାନ ଯୋଗାଣ, ଇପିଏଫ ପେନସନ ପ୍ରଦାନ ଓ ବାତ୍ୟା ଦାନାରେ ଘର ଭଙ୍ଗା ସହାୟତା ପ୍ରଦାନ ନିମନ୍ତେ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଜମି ସମସ୍ୟା, ମୁନିସିପାଲିଟି କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ, ଜଳ ସେଚନ ପାଇଁ ଅବରୋଧ କରାଯାଇଥିବା ଜଳ ଯୋଗାଣ ସମ୍ପର୍କରେ, ଆଶା କର୍ମୀ ନିଯୁକ୍ତି, ସିଆରପି ନିଯୁକ୍ତି, ଦାନା ପାଇଁ ବ୍ୟାହତ ହୋଇଥିବା ବିଦ୍ୟୁତ ଯୋଗାଣ, ନଦୀରୁ ବେଆଇନ ବାଲି ଉଠାଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଟୁଟୁନି ସମସ୍ୟା, ବଢୁଛି ଅସନ୍ତୋଷ

ବରଗଡ଼,୩।୧୨:ବରଗଡ଼ ଜିଲାରେ ଧାନବିକ୍ରି ସମସ୍ୟା ଥମିବାର ନାଁ ନେଉନାହିଁ। ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୧୧ଦିନ ବିତିଛି। କିନ୍ତୁ ଆରମ୍ଭରୁ ଦେଖାଯାଇଥିବା ସମସ୍ୟା ସମାଧାନ ହୋଇ ପାରିନାହିଁ। ଟୋକନ କଟକଣା, ଗନିବ୍ୟାଗ୍ (ବସ୍ତା), କଟନୀଛଟନୀ ସମସ୍ୟା ଲାଗି ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିଥିବାବେଳେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି କ୍ରମରେ ସୋମବାର ଜିଲାର ବିଭିନ୍ନ ଅଞ୍ଚଳର କୃଷକ ସଙ୍ଗଠନର ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅମ୍ବାଭୋନା ବ୍ଲକର ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଂଘ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଚାଷୀମାନଙ୍କୁ ମିଳିଥିବା ଟୋକନରେ ଜମି ଅନୁପାତରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଫଳରେ ଏହାକୁ ସଂଶୋଧନ କରିବାକୁ ଦାବି ହୋଇଛି। ସେହିପରି ଚାଷୀଙ୍କୁ ଗନିବ୍ୟାଗ, ସୁତୁଲି ଯୋଗାଇବା, ଧାନର ଗୁଣମାନ ପରୀକ୍ଷା ପାଇଁ ମଣ୍ଡିରେ ଟେଷ୍ଟିଂ ମେଶିନ ରଖିବା, ବର୍ଷା ଯୋଗୁ ଟୋକନ ଅବଧିକୁ ବିଳମ୍ବ କରା ନ ଯିବା, ବର୍ଷାରେ କ୍ଷତିଗ୍ରସ୍ତ ଧାନ ବାବଦ କ୍ଷତିପୂରଣ ଯୋଗାଇବାକୁ ଲାଲ ବାହାଦୁର



ଶାସ୍ତ୍ରୀ କୃଷକ ସଂଘ ଦାବି କରିଛି। ସଂଘର ଠାକୁରରାମ ପଟେଲ, ଶଙ୍କର ଖମାରୀଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେହିପରି ବରଗଡ଼ ବ୍ଲକ କଲାପାଣି ଅଞ୍ଚଳର ଚାଷୀମାନେ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଟୋକନ ସମସ୍ୟାର ତୁରନ୍ତ ସମାଧାନ, ଜମି ଅନୁପାତରେ ଚାଷୀଙ୍କୁ ଟୋକନ ପ୍ରଦାନ, ମଣ୍ଡିରେ ଚାଷୀଙ୍କୁ ବସ୍ତା ଯୋଗାଇବା, ଧାନର ଗୁଣମାନ ପରୀକ୍ଷା ପାଇଁ ଗ୍ରେନ ଏନାଲାଇଜର ମେଶିନ ବ୍ୟବହାରକୁ ବନ୍ଦ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ଉକ୍ତ ଦାବି ସମୂହ ପୂରଣ ନ ହେଲେ ସେମାନେ କଲାପାଣି ମଣ୍ଡି ସମ୍ମୁଖ ରାଜପଥରେ ଧାନ ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଚାଷୀନେତା ସୁରେଶ ନେକାଣ୍ଡି, ରମଣୀ ଦନ୍ତା, ଗୋପବନ୍ଧୁ ଗୁରାଣ୍ଡି, ସରୋଜ ପ୍ରଧାନ, ସୁଶାନ୍ତ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ବରଗଡ଼ ବ୍ଲକ ଗଣ୍ଡପାଲି ଗ୍ରାମର ଚାଷୀମାନେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମଠାରୁ ମଣ୍ଡି ଦୂରରେ ରହିଥିବାରୁ ଧାନବିକ୍ରିରେ ହଟହଟା ହେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି। କୁରୁଆଁ ମଣ୍ଡି ଉପରେ ସେମାନେ ନିର୍ଭର କରୁଛନ୍ତି। କିନ୍ତୁ ଉକ୍ତ ମଣ୍ଡି ଗ୍ରାମଠାରୁ ଦୂରରେ ଥିବା ଯୋଗୁ ସେଠାକୁ ଧାନ ପରିବହନରେ ସମସ୍ୟା ଉପୁଜୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୁରୁଆଁ ଗ୍ରାମର ଚାଷୀମାନେ ଉକ୍ତ ମଣ୍ଡିରେ ନିର୍ଭର କରୁଛନ୍ତି ଏବଂ ମଣ୍ଡିକୁ ବିକ୍ରି ପାଇଁ ଆଣି ଧାନ ଗଦା କରୁଛନ୍ତି। ଏଭଳିସ୍ଥଳେ କୁରୁଆଁ ଗ୍ରାମର ଚାଷୀଙ୍କ ଧାନରେ ମଣ୍ଡି ପରିସର ପୂରିଯାଉଛି ଏବଂ ସ୍ଥାନାଭାବ ଦେଖାଯାଉଛି। ଫଳରେ ଗଣ୍ଡପାଲି ଗ୍ରାମରେ ଏକ ଧାନମଣ୍ଡି ଖୋଲିବାକୁ ନରେନ୍ଦ୍ର କର୍ଣ୍ଣ, ରବିନ୍ଦ୍ର ନାଏକଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

କେନ୍ଦୁଝରଗଡ଼,୩/୧୨: ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ଅଧିନ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଜଣେ ଶିକ୍ଷୟିତ୍ରୀରେ ଶିକ୍ଷାଦାନ ଚାଲିଥିବା ବେଳେ ଅନ୍ତତଃପକ୍ଷେ ଆଉ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲା। ଏହି ଦାବିକୁ ଦାୟିତ୍ୱରେ ଥିବା ଅଧିକାରୀ ଅଣଦେଖା କରି ଆସୁଥିବାରୁ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ନିଜ ନିଜ ପିଲାମାନଙ୍କୁ ଧରି ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ସାମିଲ ହୋଇଥିଲେ।



ଏହି ଖବର ଜାଣିବା ପରେ ପଳାଶପଙ୍ଗା ସିଆରସିସି ଶରତ ଚନ୍ଦ୍ର ଦେହୁରୀ ଓ ସଦର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତରଣୀସେନ ମୁଣ୍ଡା ଉକ୍ତ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନରତ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ସମିତି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତ୍ତି ଅନୁଯାୟୀ ତୁରନ୍ତ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ପ୍ରତିଶ୍ରୁତି ପରେ ଅଭିଭାବକ ଆନ୍ଦୋଳନରୁ ଓହରିବା ସହ ମଧ୍ୟାହ୍ନ ୧୨ଟାରୁ ଶିକ୍ଷାଦାନ କାର୍ଯ୍ୟକ୍ରମ ସ୍ୱାଭାବିକ ହୋଇଥିଲା। ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାର ୬ ରୁ ୧୪ବର୍ଷ ଶିଶୁଙ୍କୁ ମାଗଣାରେ ବାଧ୍ୟତାମୂଳକ ଶିକ୍ଷାଦାନ ବ୍ୟବସ୍ଥା ପ୍ରଚଳନ କରିଆସୁଛନ୍ତି। ଏଥିସହ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ନିଃଶୁଳ୍କ ଶିକ୍ଷାଦାନ ସହ ପାଠ୍ୟ ଉପକରଣ, ପୋଷାକ ଓ ମଧ୍ୟାହ୍ନଭୋଜନ ମାଗଣାରେ ଯୋଗାଇ ଦେଇ ଆସୁଥିଲେ ହେଁ ଆଦିବାସୀବହୁଳ କେନ୍ଦୁଝର ଜିଲାର ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ସରକାରଙ୍କ ଏହି ବ୍ୟବସ୍ଥା ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆକୃଷ୍ଟ କରିପାରିନାହିଁ। ଅପରପକ୍ଷେ ଆବଶ୍ୟକ ଶ୍ରେଣୀଗୃହ ସାଙ୍ଗକୁ ଶିକ୍ଷକ ପଦ ଖାଲି ପଡ଼ିବା ଯୋଗୁଁ ଜିଲାର ଅନେକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିବା ପରିସ୍ଥିତିକୁ ପହଞ୍ଚିଛି। ଏହି କାରଣରୁ ଏବେ ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଏବେ ଶ୍ରେଣୀଗୃହ ଅଭାବ ସାଙ୍ଗକୁ ଶିକ୍ଷକ ପଦ ଖାଲି ଯୋଗୁଁ ତାଲା ପଡ଼ିବାକୁ ଯାଉଛି। ୧୯୯୦ ମସିହାରେ ଗଢ଼ି ଉଠିଥିବା ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଜଣ ଛାତ୍ର ଓ ୧୨ଜଣ ଛାତ୍ରୀଙ୍କୁ ମିଶାଇ ମୋଟ ୧୮ଜଣ ଅଧ୍ୟୟନ କରୁଥିବା ବେଳେ ଶିକ୍ଷକ ଅଭାବରୁ ଗୋଟିଏ ଶ୍ରେଣୀଗୃହରେ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଏକାଠି ବସି ଅଧ୍ୟୟନ କରୁଛନ୍ତି।

## ପାଣି ପାଇପ୍ ଲାଗି ରାସ୍ତା ଖୋଳି ଛାଡିଦେଲେ, ପଥଚାରୀଙ୍କ ପାଇଁ ମରଣଯନ୍ତା

ଆଠଗଡ: ଆଠଗଡ ବ୍ଲକର ମେଘା ପଞ୍ଚାୟତ ଅନ୍ତର୍ଗତ ଧୁରୁକୁଡିଆ ଓ ଅନ୍ୟ ଗ୍ରାମରେ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ପାଇଁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ସୁଉଚ୍ଚ ଟାଙ୍କି ନିର୍ମାଣ ଓ ପାଇପ୍ ବିଛାଇବା କାମ ଶେଷ ହୋଇଛି। ତେବେ ପାଣି ପାଇପ୍ ବିଛାଇବା ଲାଗି ଠିକାଦାର ଢଳେଇ ରାସ୍ତା ଖୋଳି ପରେ ଆଉ ମରାମତି ନକରି ଚାଲିଗଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ନଷ୍ଟ ହେଲା ଓ ସରକାରୀ ଅର୍ଥ ପାଣିରେ ପଡିଲା। ତାଛଡା ଢଳାଇ ରାସ୍ତା ଖୋଳା ଯୋଗୁଁ ଯେଉଁ ଖାଲଖମା ସୃଷ୍ଟି ହୋଇଛି ତାହା ପଥଚାରୀ ଓ ବାଇକ ଆରୋହୀଙ୍କ ପାଇଁ ଦୁର୍ଘଟଣାର କାରଣ ହୋଇଛି । ଏ ସମ୍ପର୍କରେ ଧୁରୁକୁଡିଆ ଗ୍ରାମର ସମାଜସେବୀ ନିର୍ମଳ କୁମାର ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଠିକାଦାର କାମ ଶେଷକରି ପଳେଇଲେଣି ବୋଲି ସହକାରୀ ଯନ୍ତ୍ରୀ କହିଥିବା ନେଇ ନିର୍ମଳ କୁମାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଖୋଳିଥିବା ରାସ୍ତା ପୁନଃ ଢଳେଇ ମରାମତି ନକରି ଠିକାଦାର କିପରି ବିଲ୍ ନେଇ ଚାଲିଗଲେ ତାକୁ ନେଇ ନିର୍ମଳ ପ୍ରଶ୍ନ ଉଠାଇବା ସହ ଏଥିରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ଖୋଳାଯାଇଥିବା ଢଳେଇ ରାସ୍ତାର ମରାମତି ଯଥାଶୀଘ୍ର କରାନଗଲେ ସେ ଗ୍ରାମ୍ୟ ପାନୀୟଜଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନିର୍ମଳ ଚେତାଇ ଦେଇଛନ୍ତି।

## ରାମଚଣ୍ଡୀ ମନ୍ଦିର ବିଜେସ୍ଥଳୀ ଅଘୋଷିତ ଜମି ବିକ୍ରି

ମହାକାଳପଡ଼ା,୩।୧୨:କେନ୍ଦ୍ରାପଡ଼ା ଜିଲା ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ବିଜେସ୍ଥଳୀ ୫୦ ଏକର ଜମିରେ ମେଳଣ ପଡ଼ିଆ, କଚେରୀ ଘର, ଜଳାଶୟ ଓ ମା'ଙ୍କ ମୁଖ୍ୟ ମନ୍ଦିର ଗୃହ ରହିଛି। ମା'ଙ୍କ ନାମରେ ଅନ୍ୟ ଏକ ଜମିରେ ମେଳଣ ଦଖଲ ନୋଟ ୧୫ ଏକରରୁ ଅଧିକ ଜମି ରହିଛି। ମା'ଙ୍କ ନାମରେ ଖାତା ନଂ. ୨୦୮ ପ୍ଲଟ ନଂ. ୬୮୮ ପେଟଛେଲା ମୌଜାରେ ଅବସ୍ଥିତି ରହିଛି। ମା'ଙ୍କ ମନ୍ଦିର ଦୈନନ୍ଦିନ ନୀତି ପାଳନ ପାଇଁ କୁଜଙ୍ଗ ରାଜା କେଉଁ ଆବାହନ କାଳରୁ ମନ୍ଦିର ପରିଚାଳନା ସେବାୟତ ଓ ପାଟକମାନଙ୍କ ପାଇଁ ଜମି ଯୋଗାଇ ଦେଇଥିଲେ। ହେଲେ କେତେଜଣ ସ୍ଥାନୀୟ ଲୋକମ ମା'ଙ୍କ ମନ୍ଦିର ବିଜେସ୍ଥଳୀ ଜମିକୁ ପ୍ଲଟିଂ କରି ଡିସିମିଲ ପିଛା ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଅଘୋଷିତ କାଗଜପତ୍ର କରି ବିକ୍ରି ହେଉଛି।



କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ମା'ଙ୍କ ମେଳଣ ପଡ଼ିଆଠାରେ ବହୁ ତଳ ସ୍ଥାୟୀ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମନରେ ଘୋର ନିରାଶ ଭାବ ସୃଷ୍ଟି ହୋଇଛି। ଏ ନେଇ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ଶ୍ରଦ୍ଧାଳୁ ସୋମବାର ପୂର୍ବାହ୍ନରେ ତହସିଲଦାର ଶିବ ମଲିକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ତହସିଲଦାର ମଲିକଙ୍କ ପରାମର୍ଶକ୍ରମେ ପରେ ସେନା ସଦସ୍ୟମାନେ ଅତିରିକ୍ତ ତହସିଲଦାର ଶାନ୍ତିଲତା ହେମ୍ବ୍ରମଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗ ଅନୁସାରେ, କେତେଜଣ ବ୍ୟବସାୟୀ ମା'ଙ୍କ ଜମିକୁ ପ୍ଲଟିଂ କରି ବିଭିନ୍ନ ଦୋକାନ ବଜାର, ଉଚ୍ଚ ପାଣି ଟାଙ୍କି ନିର୍ମାଣ ଓ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ ହୋଇଛି ବୋଲି ଉଲ୍ଲେଖ ରହିଛି। ଅପରପକ୍ଷରେ ମା'ଙ୍କ ପରିଚାଳନା ଟ୍ରଷ୍ଟିଙ୍କ ନୀରବତା ଦର୍ଶାଉଛି ବେଆଇନ ଜମି କିଣା ବିକାରେ ସମ୍ପୃକ୍ତି ଥିବା ଜୋର ଧରିଛି। ଏ ସମ୍ପର୍କରେ ତହସିଲଦାର ମଲିକଙ୍କୁ ପଚାରିବାରେ ଜମି ବିକ୍ରି ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ମହିଳା ସୁରକ୍ଷା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ




କେନ୍ଦ୍ରାପଡ଼ା ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ମହିଳା ସୁରକ୍ଷା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି ! ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ପ୍ରମୋଦ କୁମାର ପ୍ରହରାଜ ସଭାରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି କାର୍ଯ୍ୟକ୍ରମ କୁ ତ୍ୱରାନ୍ୱିତ କରିଥିଲେ ! ଏହି ସଭାରେ ଡ଼ କିଶୋର ମିଶ୍ର(ଓମସା, ସଭାପତି),ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର,ପ୍ରଶାସନିକା ଅଧିକାରିଣୀ ଆଦ୍ୟସା ରଥ,ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଜିଲ୍ଲା ମିଶନଶକ୍ତି କାର୍ଯ୍ୟ ପରିଚାଳିକା ଆରତୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର,ଜିଲ୍ଲା କାର୍ଯ୍ୟ ପରିଚାଳିକା ଗୀତାଞ୍ଜଳି ଦାସ,ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ମିନତୀ ମହାପାତ୍ର, ପ୍ରଶାନ୍ତ ପାଢ଼ୀ(ଡିପିଏମ,ଓଏଲଏମ) ଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ମେଡିକାଲ ଅଧିକାରୀ ଉପସ୍ଥିତ ଥିଲେ ! ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ପ୍ରତେକ ଅନୁଷ୍ଠାନରେ କାର୍ଯ୍ୟରତ ମହିଳା କର୍ମଚାରୀ ଯେପରି କୌଣସି ପ୍ରକାର ହିଂସାର ଶିକାର ନହୁଅନ୍ତି ସେଥିପ୍ରତି ସମସ୍ତେ ସଚେତନ ହେବା ଉଚିତ ! ଏହା ପ୍ରତ୍ୟେକ ପରିବାରରୁ ହିଁ ଆରମ୍ଭ ହେବା ଉଚିତ ! ସମାଜରୁ ପୁଅ ଝିଅ ଭେଦଭାବ ଦୁରେଇ ଦେବା ସହିତ ହିଂସାତ୍ମକ ପକ୍ଷପାତିତା କୁ ଦୁରେଇ ଦେଇ ସମାଜକୁ ଆଗକୁ ନେବା ପାଁଇ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ !

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ